## ଅଚିହ୍ନା ମୃତଦେହର ପରିଚୟ ମିଳିଲା

ପଦ୍ମପୁର, (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଦେଇ ଯାଇଥିବା ଗମେଇ ନଦୀ ଚୁଡ଼ାମଣି ଘାଟରୁ ଗତ ବୁଧବାର ମିଳିଥିବା ମୃତଦେହର ପରିଚୟ ମିଳିଛି। ମୃତକ ବିନାୟକପୁର ପଞ୍ଚାୟତ ବେଲସାଉଁଳିଆ ଗ୍ରାମର ମଣି ବାରିକ ବୋଲି ତାଙ୍କ ପୁତୁରା ପ୍ରମୋଦ ବାରିକ ବାସୁଦେବପୁର ଥାନାରେ ଦାବି କରିଛନ୍ତି। ବୁଧବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୧୭/୨୩) ରୁଜୁ ହୋଇଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ଡ. ଧୀରେନ୍ଦ୍ରାଚାର୍ଯ୍ୟ ଏସ୍‌ବିଏସ ହର୍ବାଲ ଲାଇଫର ବ୍ରାଣ୍ଡ ଆମ୍ବାସାଡର

ଠାକୁରମୁଣ୍ଡା,୧୩।୫ (ଡି.ଏନ୍.ଏ.): ଏସ୍‌ବିଏସ ହର୍ବାଲ ଲାଇଫ ତାର ୩୦୦ ଆୟୁର୍ବେଦିକ ଉତ୍ପାଦ ତଥା ଫୁଡ୍ ମାର୍ଟ ପ୍ରଚାର ଓ ପ୍ରସାର ପାଇଁ ଡ. ଧିରେନ୍ଦ୍ରାଚାର୍ଯ୍ୟଙ୍କୁ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ କରିଛି। ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ଠାକୁରମୁଣ୍ଡାରେ ଡ. ଧିରେନ୍ଦ୍ରାଚାର୍ଯ୍ୟ ଏହା ପ୍ରକାଶ କରିଛନ୍ତି। ଠାକୁରମୁଣ୍ଡା ନିକଟସ୍ଥ ନୂଆପଡ଼ା ଗ୍ରାମରେ ତାଙ୍କର ଆଶ୍ରମ ରହିଛି ସେ ଯୋଗ ଗୁରୁ ଭାବରେ ବେଶ ଖ୍ୟାତିଲାଭ କରିଛନ୍ତି। ଦୀର୍ଘବର୍ଷ ପଞ୍ଜାବରେ ରହି ଯୋଗ ସାଧନା କରିବା ସହିତ ଯୋଗ ଉପରେ ଡକ୍ଟରେଟ ଲାଭ କରିଛନ୍ତି। ରାଜସ୍ଥାନର ଏହି କମ୍ପାନୀ ଏବେ ତାର ମହା ଡିବା କିଟ୍ ଏବଂ ଏସବିଏସ ଫୁଡ୍ ମାର୍ଟର ପ୍ରଚାର ଓ ପ୍ରସାର ପାଇଁ ବାବାଙ୍କୁ ବ୍ରାଣ୍ଡ ଆମ୍ବାସାଡର କରିଛି। ଖୁବଶୀଘ୍ର କମ୍ପାନୀ ଓଡ଼ିଶାରେ ତାର ଉତ୍ପାଦ ପହଞ୍ଚାଇବ ବୋଲି ସେ କହିଛନ୍ତି।

### ଚିକିତ୍ସାଧୀନ ଅବସ୍ଥାରେ ଗର୍ଭବତୀଙ୍କ ମୃତ୍ୟୁ

କୁଳିଅଣା,୧୩।୫(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ଦରଖଳି ଗ୍ରାମର କବିତା ରାୟ ନାମ୍ନୀ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, କବିତା ୫ ମାସର ଗର୍ଭବତୀ ଥିଲେ। ଗତ ବୁଧବାର ତାଙ୍କର ବାନ୍ତି ହେବାରୁ ଚିକିତ୍ସା ପାଇଁ ପିଆର୍‌ଏମ୍ ମେଡିକାଲକୁ ନିଆଯାଇଥିଲା। ସୁସ୍ଥ ହୋଇ ସେ ଘରକୁ ଫେରିଥିଲେ। ପରେ ପୁଣି ବାନ୍ତି ହେବାରୁ ପରିବାର ଲୋକେ ତାଙ୍କୁ ଶୁକ୍ରବାର ପିଆର୍‌ଏମ୍ ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଶନିବାର କୁଳିଅଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### 'ବିଜୁ ଶ୍ରମିକ ବନ୍ଧୁ ସମ୍ମାନ' ବିଜେତା ଗୌରାଙ୍ଗଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର ଅଫିସ, ୧୩।୫-ବାଲେଶ୍ୱର ମିଳିତ ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଏକ ବିଶେଷ ଅଧିବେଶନରେ ରାଜ୍ୟ ସରକାରଙ୍କ ପକ୍ଷରୁ 'ବିଜୁ ଶ୍ରମିକ ବନ୍ଧୁ ସମ୍ମାନ' ବିଜେତା ଗୌରାଙ୍ଗ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦିକା ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ଆଗାମୀ ବିଶ୍ୱ ତମାଖୁ ଦିବସ ପାଳନ ବିଷୟରେ ସୂଚନା ଦେଇଥିଲେ। ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ଶୁଭଙ୍କର ମହାପାତ୍ର, ଭାରତୀ ପଣ୍ଡା, ବେଣୁଧର ସାହୁ, ରବି କୁମାର ପାଣିଗ୍ରାହୀ, ନିରଞ୍ଜନ ରାଉତ, ଅକ୍ଷୟ କୁମାର ତ୍ରିପାଠୀ, କବିତା ଦାସ, ସନାତନ ଦାସ, ଚକ୍ରଧର ମହାନ୍ତି, କାହ୍ନୁ ଚରଣ ଦାସ ଓ ପ୍ରଣିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ତାର ଚୋରି

ଗୋପବନ୍ଧୁ ନଗର,୧୩।୫ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ଆରପଟା ପଞ୍ଚାୟତସ୍ଥିତ ପରିଛିପୁରରୁ ଡାହିସାହି ମଧ୍ୟରେ ବିଲ ମଝିରେ ଥିବା ୧୧ କେଭି ବିଦ୍ୟୁତ୍ ତାରକୁ ଦୁର୍ବୃତ୍ତମାନେ ଶୁକ୍ରବାର ରାତିରେ ଚୋରି କରି ନେଇଛନ୍ତି। ୭୫୦ ମିଟର ତାର ଚୋରି ହୋଇଥିବା ମାଣ୍ଡତ୍ରୀ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଦେବକାନ୍ତ ଚୌଧୁରୀ ଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ମାମଲା (ନଂ.୧୩୮/୨୩) ରୁଜୁ ହୋଇଛି।

### ନୂତନ ପ୍ରଧାନ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଧାମନଗର,୧୩।୫(ଡି.ଏନ୍.ଏ.): ଭଦ୍ରକ ଜିଲା ଧାମନଗର ବ୍ଲକ କରଦା ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ନୂତନ ପ୍ରଧାନ ଶିକ୍ଷକ ଧନେଶ୍ୱର ମୁଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ ପି.ସି. ହାଇସ୍କୁଲର ପ୍ରଧାନ ଶିକ୍ଷକ ନିରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ଧାମନଗର ସହ ମଣ୍ଡଳ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା ଓ ରମେଶ ଚନ୍ଦ୍ର ପତି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ବିଇଓ ଧୀରେନ୍ଦ୍ର ନାଥ ଦାଶ, ଶିକ୍ଷାବିତ୍ ତଥା ନିତ୍ୟାନନ୍ଦ ଆଇଟିଆଇର ଅଧ୍ୟକ୍ଷ ଜୟନ୍ତ କୁମାର ବିଶ୍ୱାଳ, ଖଙ୍ଗରା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ମନ୍ମଥ ରାଉତ, ପରିଚାଳନା କମିଟିର ଉପ ସଭାନେତ୍ରୀ ସବିତା ନାୟକ, ବିଜୟ ସୁତାର, ପ୍ରଦୀପ ଦାସ, ଶ୍ରୀକାନ୍ତ ଦାସ, ଚିନ୍ମୟ ବେହେରା, ଶ୍ରୀକାନ୍ତ ବେହେରା, ସନ୍ତୋଷ ବେହେରା, ସୁଜିତ୍ ପଣ୍ଡା, ରଜତ ଦାସ, ସ୍କୁଲ କମିଟିର ସଭ୍ୟାସଭ୍ୟ ଓ ଗ୍ରାମବାସୀମାନେ ଯୋଗଦେଇ ନୂତନ ପ୍ରଧାନ ଶିକ୍ଷକଙ୍କୁ ସ୍ୱାଗତ କରିଥିଲେ। ପ୍ରଦୀପ କୁମାର ଦାସ ଅତିଥି ପରିଚୟ ଓ କୁଳମଣି ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ମୀନାରାଣୀ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ତଦନ୍ତ ପାଇଁ ପହଞ୍ଚିଲା କେନ୍ଦ୍ରୀୟ ଟିମ୍

## ରାଜ୍ୟ ରାଜପଥ ଏସ୍‌ଏନ୍‌ଜେ ରାସ୍ତା କାମରେ ମନ୍ଥରତା

ନୀଳଗିରି, ୧୩।୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ଦେଇଯାଇଥିବା ଶେରଗଡ଼ –ନୀଳଗିରି ଝରଣାଘାଟି (ଏସ୍‌ଏନ୍‌ଜେ) ୧୯ନଂ. ରାଜ୍ୟ ରାଜପଥ ସମ୍ପ୍ରସାରଣ ସହିତ ୪ ଲାଇନ୍ ବିଶିଷ୍ଟ ରାସ୍ତା କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏନେଇ ବାରମ୍ବାର ଅଭିଯୋଗ ହେବା ଫଳରେ କେନ୍ଦ୍ରୀୟ ଟିମ୍ ପହଞ୍ଚି କ୍ଷେତ୍ର ପରିଦର୍ଶନ କରିଛନ୍ତି। ସମସ୍ତ ବିଷୟକୁ ଅନୁଧ୍ୟାନ କରିବା ପରେ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କଠାରେ ଉକ୍ତ କାର୍ଯ୍ୟ ବିଷୟରେ ଜଣାଇବା ସହ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ମିନିଷ୍ଟ୍ରି ଅଫ୍ ଟ୍ରାନ୍ସପୋର୍ଟ ବିଭାଗର ଆଡ଼ିଶନାଲ ଏଡିଟର ଜେନେରାଲ ଧର୍ମାନନ୍ଦ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ତାଙ୍କ ସହ ପୂର୍ତ୍ତବିଭାଗର ସିଇ ରସାନନ୍ଦ ରାଉତ, ଏସ୍‌ଇ ରାମଚନ୍ଦ୍ର ସେଠୀ, ଏସଡ଼ିଓଙ୍କ ସମେତ ଶ୍ରୀଦୁର୍ଗାସଂସ୍ଥାର କର୍ତ୍ତୃପକ୍ଷ ଓ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ।

ଏସ୍‌ଏନ୍‌ଜେ ରାଜ୍ୟ ରାଜପଥ ଲାଗି ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ କେନ୍ଦ୍ରମନ୍ତ୍ରୀ ଥିବା ବେଳେ କେନ୍ଦ୍ର ପରିବହନ ମନ୍ତ୍ରୀଙ୍କୁ ଭେଟି ଏହି ପ୍ରୋଜେକ୍ଟ ପାଇଁ ଦାବି ଉପସ୍ଥାପନ କରିଥିଲେ। ୧୨୫ କୋଟି ବ୍ୟୟରେ କେନ୍ଦ୍ରୀୟ ଅନୁଦାନରେ ନିର୍ମିତ ହେବାକୁ ଥିବା ଏହି କାର୍ଯ୍ୟରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ନିର୍ମାଣ ଦାୟିତ୍ୱ ନେଇ ଟେଣ୍ଡର ହୋଇଥିଲା। ଶ୍ରୀଦୁର୍ଗା ନାମକ ସଂସ୍ଥା କାର୍ଯ୍ୟଭାର ପାଇ ୨୦୨୧ମସିହା ଡିସେମ୍ବର ୧୮ ତାରିଖରେ ହାତକୁ ନେଇଥିଲା। ଏହି ପ୍ରକଳ୍ପରେ ୯.୭୫ କୋଟି ଟଙ୍କାର ବିଦ୍ୟୁତ୍‌ଖୁଣ୍ଟ ସମ୍ପ୍ରସାରଣ, ଗଛକଟା ପାଇଁ ୨.୫୧ କୋଟି, ପାଣି ପାଇପ୍ ସମ୍ପ୍ରସାରଣ ପାଇଁ ୨.୧୩ କୋଟି ରହିଥିବା ବେଳେ ବାକି ଟଙ୍କା ରାସ୍ତା କାମରେ ଖର୍ଚ୍ଚ ହେବାର ବ୍ୟବସ୍ଥା ରହିଥିଲା। ପୂର୍ତ୍ତ ବିଭାଗ ୨୦୨୨ ମାର୍ଚ୍ଚ ୨୭ ତାରିଖରେ କାର୍ଯ୍ୟ ଆରମ୍ଭ ପାଇଁ ଅନୁମତି ମିଳିଥିବା ବେଳେ ୨୬।୩।୨୦୨୪ ସୁଦ୍ଧା କାର୍ଯ୍ୟ ସାରିବାର ଅବଧି ରହିଛି। ତେବେ ରାସ୍ତା ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ବହୁବାର ଜିଲା ପ୍ରଶାସନ ଓ ପୂର୍ତ୍ତ ବିଭାଗଠାରେ ଅଭିଯୋଗ କରିଥିଲେ। ଘଟଣାକୁ ପ୍ରଶାସନ ହାଲ୍‌କା ଭାବେ ନେବାରୁ ପ୍ରତିବାଦରେ ଗତ କିଛିଦିନ ତଳେ ନୀଳଗିରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ମଧ୍ୟ ବସିଥିଲେ ବିଧାୟକ ନାୟକ। ଠିକା ସଂସ୍ଥା ପକ୍ଷରୁ ଉକ୍ତ ରାସ୍ତାରୁ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ବିଦ୍ୟୁତ ଖୁଣ୍ଟ ସମ୍ପ୍ରସାରଣ, ଗ୍ରାମୀଣ ଜଳଯୋଗାଣ ଓ ପରିମଳ ବିଭାଗର ପାଇପ ସମ୍ପ୍ରସାରଣ କାର୍ଯ୍ୟ, ଗଛକଟା ଆଦି ହୋଇପାରି ନ ଥିବା ସମସ୍ୟା ଦେଖାଇ ଠିକାସଂସ୍ଥା ନିଜକୁ ଅସହାୟ ମନେକରୁଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ମାତ୍ର ୨୦ କି.ମି. ଦୂର ସୋନ ନଦୀରୁ ବାଲି ଉଠାଣ ପାଇ ଲିଡ୍.ଥିବାବେଳେ ୧୧୫ କି.ମି. ଦୂର କେନ୍ଦୁଝର ଜିଲା ଆନନ୍ଦପୁରରୁ ବାଲି ଆଣି କାମ କରୁଥିବା ବେଳେ ସଂସ୍ଥା ଘୋର କ୍ଷତି ସହୁଛି। ସେହିପରି ପଥର ବାଗୁଡି ଅଞ୍ଚଳରୁ ଆଣିବା ପାଇଁ ଏଷ୍ଟିମେଟ୍ ଦର୍ଶାଯାଇଛି। ଏତେବଡ଼ ପ୍ରୋଜେକ୍ଟକୁ ରାଜ୍ୟ ସରକାର ବାଲି, ପଥର, ମୋରମ, ମାଟି ପାଇଁ ସଂସ୍ଥାକୁ ସରକାରୀ ଦରରେ ଯୋଗାଣ ଦେବା କଥା। ଠିକା ସଂସ୍ଥା ମଧ୍ୟ ତତ୍କାଳୀନ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କଠାରେ ଦେଢ଼ବର୍ଷ ପୂର୍ବରୁ ଆବେଦନ କରିଥିଲେ ମଧ୍ୟ ଆବେଦନ କାଗଜ କଲମରେ ସୀମିତ ରହିଛି। ଏନେଇ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କଠାରେ ଜନସାଧାରଣ ଅଭିଯୋଗ କରିବା ପରେ ଷଡ଼ଙ୍ଗୀ ପ୍ରଶାସନଠାରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏନେଇ ବର୍ତ୍ତମାନର ଜିଲାପାଳ ଘଟଣାକୁ ଗୁରୁତର ସହ ନେଇ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ବୈଠକ ବସାଇ ତାଗିଦ୍ କରିଥିଲେ। ଏବେ କାମ ଚାଲୁଛି ସତ ଆଗକୁ ବର୍ଷାଦିନ ଥିବାରୁ ଅବଧି ସରିବାର ଆଉ ୧୦ ମାସ ଥିବାରୁ ଏହି କାମ ସରିପାରିବ ନାହିଁ ବୋଲି ଜଣାପଡ଼ିଛି।


ରାସ୍ତା କାର୍ଯ୍ୟର ତଦନ୍ତ କରୁଛି କେନ୍ଦ୍ରୀୟ ଟିମ୍।

## ପାଟରାଣୀ ହାଇସ୍କୁଲର ରଜତ ଜୟନ୍ତୀ ଉତ୍ସବ

ବାଲିଆପାଳ, ୧୩।୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବଡ଼ାଶ ପଞ୍ଚାୟତର ତାହାଲିଆ ପାଟରାଣୀ ହାଇସ୍କୁଲର ରଜତ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଂଗ୍ରେସର ମୁଖପାତ୍ର ସୁଦର୍ଶନ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ କଂଗ୍ରେସ ନେତା ସଦାଶିବ ଦାସ ଏବଂ ସମ୍ମାନିତ ଅତିଥି ଭାବେ କଂଗ୍ରେସ ଜିଲା ସଭାପତି ସଞ୍ଜିବ ଗିରି, ବାଲିଆପାଳ ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ବିଜନ ନାୟକ, ବଡ଼ାଶ ପଞ୍ଚାୟତ ସରପଞ୍ଚ ଜଗନାଥ ବିଶ୍ୱାଳ, ଜିଲା ପରିଷଦ ସଦସ୍ୟ ବାବାଜୀ ବେହୁରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ତ୍ରିଲୋଚନ ସାହୁ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କମିଟି ଉପସଭାପତି ଶିବ ପ୍ରସାଦ ନାୟକ, ସଂଯୋଜକ ମନୋଜ କୁମାର ରାଉତ, ସହ ସଂଯୋଜକ ଗିରିଶ ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ପୁରୁଷୋତ୍ତମ ଚନ୍ଦ, ସହ କୋଷାଧ୍ୟକ୍ଷ ହେମନ୍ତ କୁମାର ପରିଡ଼ା ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଓଏମ୍‌ବିଏଡିସି ପ୍ରକଳ୍ପର ରୂପରେଖ କର୍ମଶାଳା


ବୈଠକରେ ଉପସ୍ଥିତ ଅଧିକାରୀମାନେ।

କେନ୍ଦୁଝର,୧୩।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ବିକାଶ ପାଇଁ ଓଏମ୍‌ବିଏଡିସି( ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେସନ)ପାଣ୍ଠିରୁ ଆର୍ଥିକ ସହାୟତା ଦିଆଯାଉଛି। ଏସବୁର ରୂପରେଖ ପ୍ରସ୍ତୁତି ସହିତ ତୃଣମୂଳସ୍ତରରେ ଠିକ୍ କାର୍ଯ୍ୟାନୁଷ୍ଠାନ ପାଇଁ ଶୁକ୍ରବାର କେନ୍ଦୁଝର ଜିଲା ପ୍ରଶାସନ ଓ ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ ପକ୍ଷରୁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ କେନ୍ଦୁଝର ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଓମ୍ବାଡସିର ଜେନେରାଲ ମ୍ୟାନେଜର (ଆଡମିନ) ସୁଧାକର ବୁର୍ଗି ଓମ୍ବାଡସି ପ୍ରକଳ୍ପର କାର୍ଯ୍ୟଶୈଳୀ ବିଷୟରେ କହିଥିଲେ। ବିଭିନ୍ନ ପ୍ରକଳ୍ପର ରୂପରେଖ ପ୍ରସ୍ତୁତି ବେଳେ କେଉଁ ଦିଗ ପ୍ରତି ଧ୍ୟାନ ଦିଆଯିବା ଦରକାର ତା' ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜେନେରାଲ ମ୍ୟାନେଜର (ଫାଇନାନ୍ସ) ଭବାନୀ ପ୍ରସାଦ ଦାସ ପ୍ରକଳ୍ପ ପ୍ରସ୍ତୁତି ଓ ଲାଗୁ ବେଳେ ଉଚିତ୍ ଆର୍ଥିକ ପରିଚାଳନା ସମ୍ପର୍କରେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଟିମ୍ ଲିଡ୍‌ର ଅମ୍ବୁଜ ପ୍ରସାଦ ଜିଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ତଥା ହିତାଧିକାରୀଙ୍କ ପାଇଁ ଏହାର କାର୍ଯ୍ୟକାରିତା ବିଷୟରେ ସୂଚନା ଦେଇଥିଲେ। ପାଣ୍ଠି ସହାୟତାରେ ଜିଲାରେ ବର୍ତ୍ତମାନ ବୃହତ ପାଇପ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ରାସ୍ତା ସଂଯୋଗୀକରଣ, ହାଇସ୍କୁଲ ରୂପାନ୍ତରଣ, ଜଳ ଓ ମୃତ୍ତିକା ସଂରକ୍ଷଣ, ପରିବେଶ ସୁରକ୍ଷା, ଅଙ୍ଗନୱାଡ଼ି କେନ୍ଦ୍ରର ଆଧୁନିକୀକରଣ, ଭିତ୍ତିଭୂମି ନିର୍ମାଣ ଏବଂ ଜୀବିକା ବିକାଶ କାର୍ଯ୍ୟ କରାଯାଉଛି। କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଆନନ୍ଦପୁର ଡିଏଫଓ ଅଭୟ କୁମାର ଦଳାଇ, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୌରୀମଣି ହାଁସଦା, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ୱାଟକୋ ଜେନେରାଲ ମ୍ୟାନେଜର ନାରଦ ଚନ୍ଦ୍ର ରଥ ଓ ଜିଲା ଓମ୍ବାଡସି ଟିମ ଲିଡର ସୀତାକାନ୍ତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ବାର୍‌ହା ଶୀକାର କଲେ ଗ୍ରାମବାସୀ

ରାଇବଣିଆ, ୧୩।୫

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ବରଡ଼ିହା ପଞ୍ଚାୟତର ଡାଳଭଙ୍ଗା ଗ୍ରାମରେ ଶନିବାର ମଧ୍ୟାହ୍ନରେ ଜଙ୍ଗଲରେ କିଛି ଲୋକ ଗୋରୁ ଚରାଉଥିବା ବେଳେ ଏକ ବାର୍‌ହା ଦେଖିବାକୁ ପାଇଥିଲେ। ଯାହାକୁ ଦେଖି ଲୋକେ ଭୟଭୀତ ହୋଇପଡିଥିଲେ। ପରେ ଡାଳଭଙ୍ଗାର ଗ୍ରାମବାସୀ ମିଶି ତାକୁ ଗୋଡ଼େଇ ଗୋଡେଇ ଶିକାର କରିଥିଲେ। ଯାହାର ଓଜନ ୩୫ କିଲୋ ହେବ। ଏ ନେଇ ରାଇବଣିଆର ଫରେଷ୍ଟରଙ୍କୁ ଯୋଗାଯୋଗ କରିଥିଲେ ହେଁ ସେ ଏହାକୁ ଏକ ଘୁଷୁରି ବୋଲି ପ୍ରକାଶ କରିଥିଲେ।

## ଶିକ୍ଷକ ସଂଘ ପକ୍ଷରୁ 'ଜୟ ହିନ୍ଦ୍' କାର୍ଯ୍ୟକ୍ରମ ପ୍ରସ୍ତୁତି

**କେନ୍ଦୁଝର,୧୩।୫ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ସଦର ଦୁର୍ଗା ମନ୍ଦିର ସଭା ଗୃହରେ ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ କେନ୍ଦୁଝର ଶାଖା ପକ୍ଷରୁ 'ଜୟ ହିନ୍ଦ' କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାଖା ସଂଯୋଜକ ବାବୁଲାଲ ପଲେଇଙ୍କ ଆବାହକତ୍ୱରେ ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରଣବ ରାଉତରାୟ ଯୋଗଦେଇଥିଲେ। ବୀର ଯବାନଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଚଳିତ ମେ' ମାସ ୩୧ ପୂର୍ବାହ୍ନ ୯ ଟାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ଜିଲା ସଂସ୍କୃତି ଭବନର ସଭାଗୃହରେ 'ଜୟ ହିନ୍ଦ' କାର୍ଯ୍ୟକ୍ରମ ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉତ୍ସବରେ ଯବାନ, ଶିକ୍ଷକ, ଛାତ୍ରୀଛାତ୍ର, ବନ କର୍ମଚାରୀ ଓ ପୋଲିସ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ସ୍ଥିର କରାଯାଇଛି। ବୈଠକରେ ଜିଲା କାର୍ଯ୍ୟକାରୀ ସଭାପତି ରବିନ୍ଦ୍ରନାଥ ନନ୍ଦ, ଉପସଭାପତି ଲକ୍ଷ୍ମୀଧର ବେହେରା, ହରିଶ୍ଚନ୍ଦ୍ର ପଡ଼ିଆରୀ, ତ୍ରିଲୋଚନ ମହାନ୍ତ, ବିଜୟ ପଲେଇ ପ୍ରମୁଖ ଯୋଗଦେଇଥିଲେ।

## ୧୩,୩୯୩ ମକଦ୍ଦମା ସମାଧାନ

କେନ୍ଦୁଝର,୧୩।୫(ଡି.ଏନ୍.ଏ.)

ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲା କୋର୍ଟ ସମେତ ଆନନ୍ଦପୁର ଓ ଚମ୍ପୁଆ ଅତିରିକ୍ତ ଜିଲା ଜଜ୍ କୋର୍ଟ, ବଡ଼ବିଲ, ହାଟଡିହୀ ଓ ତେଲକୋଇର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି କୋର୍ଟ ଗୁଡ଼ିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଦାଲତ ଗୁଡ଼ିକରେ ସମୁଦାୟ ୧୩,୩୯୩ ଟି ମକଦ୍ଦମା ସମାଧାନ କରାଯାଇ ୪ କୋଟି ୮୪ ଲକ୍ଷ ୬୮ ହଜାର ୯୯୩ ଟଙ୍କା ଆଦାୟ ହୋଇଥିଲା। ଜିଲା ଜଜ୍ କୋର୍ଟ ପରିସରରେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଜଜ୍ ଚିତ୍ତରଞ୍ଜନ ମହାପାତ୍ର ଉଦ୍‌ଘାଟନ କରି କୋର୍ଟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ବିଜୟ ମିଶ୍ର, ପରିବାର ଅଦାଲତ ବିଚାରପତି ବିଜୟ ପାତ୍ର, ଅତିରିକ୍ତ ଜିଲା ଜଜ୍ ମମିତା ଦାସ, ମହିଳା କୋର୍ଟ ବିଚାରପତି ପତଞ୍ଜଳୀ ସାହୁ, ଦେୱାନୀ କୋର୍ଟ ବିଚାରପତି ଅମରେଶ ମହାପାତ୍ର, ଉପଖଣ୍ଡୀୟ ବିଚାରପତି ଶରତ ସାହୁ, ପ୍ରଥମଶ୍ରେଣୀ କନିଷ୍ଠ ବିଚାରପତି ସ୍ଥିତପ୍ରଜ୍ଞ ବିଶ୍ୱାଳ, ଦେବଜୟା ରଥ, ଆଦ୍ୟାଶା ମିଶ୍ର ନିଜ ନିଜର କୋର୍ଟରେ ମକଦ୍ଦମା ପରିଚାଳନା କରିଥିଲେ। ପ୍ରାଧିକରଣ ସଚିବ ମାମୀ ବେହେରା ସମସ୍ତ କୋର୍ଟର ପରିଚାଳନା ଭାର ସମେତ ସ୍ଥାୟୀ ଓ ଚିରନ୍ତନ ଲୋକ ଅଦାଲତର କାର୍ଯ୍ୟ ସମ୍ଭାଳି ଥିଲେ।

ପ୍ରାକ୍ ବ୍ୟାଙ୍କ ମକଦ୍ଦମା ୧୦୨ ମାମଲାର ସମାଧାନ ହୋଇ ୬୯,୩୬,୭୦୭ ଟଙ୍କା, ମଟର ଯାନ ଦୁର୍ଘଟଣାର ୧୯ ମାମଲା ସମାଧାନ ହୋଇ ୧,୨୪,୧୩,୦୦୦ ଟଙ୍କା, ପ୍ରାକ୍ ବିଏସ୍‌ଏନ୍‌ଏଲ୍ ମକଦ୍ଦମା ୨୬ଟି ସମାଧାନ ହୋଇ ୬୨,୬୩୮ ଟଙ୍କା, ରାଜସ୍ୱ ମକଦ୍ଦମା ୧୩,୧୦୬ ଟି ସମାଧାନ ହୋଇ ୩୧,୯୦,୯୨୩ ଟଙ୍କା, ବ୍ୟାଙ୍କ ମକଦ୍ଦମା ୧୮ଟି ସମାଧାନ ହୋଇ ୩୨,୭୨,୨୨୮.୯୧ ଟଙ୍କା ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ୨୧ଟି ସମାଧାନ ହୋଇ ୨,୨୨,୪୩,୪୯୭ ଟଙ୍କା ଆଦାୟ ହୋଇଥିବାବେଳେ ସ୍ଥାୟୀ ଲୋକ ଅଦାଲତର ୧୮ଟି ମକଦ୍ଦମା, ଫୌଜଦାରୀ ମକଦ୍ଦମା ୬୯ଟି ସମାଧାନ ହୋଇ ୩,୫୦,୦୦୦ ଟଙ୍କା ଓ ପରିବାର ଅଦାଲତରେ ୧୪ଟି ମକଦ୍ଦମା ସମାଧାନ ହୋଇ ପାରିଛି। କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରାୟ, ନାଜିର ନିର୍ମଳ ନାଏକ, ଆଇନସେବା ପ୍ରାଧିକରଣ ସଦସ୍ୟ ତଥା ପାନେଲ ଅଧିବକ୍ତା ସୁନୀଲ ମହାନ୍ତ, ସୁଶାନ୍ତ ମିଶ୍ର, ବାରୁଣୀ ନାଏକ, ରମଣୀ ରଞ୍ଜନ ସେଠୀ, ରେଣୁବାଳା ସିଂ, ପ୍ରାଧିକରଣ କର୍ମୀ ସତ୍ୟରଞ୍ଜନ ଦାସ, ସ୍ନେହଲତା ବାସ୍କେ, ଦେବବ୍ରତ ଦାସ, ମାନସ ରଞ୍ଜନ ନାଏକ, ନବକିଶୋର ଦାସ, ଶିଶିର ସାହୁ ଉପସ୍ଥିତ ରହି ଲୋକ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ।


ବିଚାରପତି ଅଭିଯୋଗ ଶୁଣାଣି କରୁଛନ୍ତି।

## 'ଓଜେଇଇ ପରୀକ୍ଷାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ବନ୍ଦ ସ୍ଥଗିତ'

ବାରିପଦା ଅଫିସ,୧୩।୫

ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଓଜେଇଇ ଏ ପରୀକ୍ଷାକୁ ଦୃଷ୍ଟିରେ ରଖି ଭଞ୍ଜସେନା ଦେଇଥିବା ମୟୂରଭଞ୍ଜ ବନ୍ଦ ଡାକରାକୁ ସ୍ଥଗିତ ରଖିଛି। ୧୫ ତାରିଖ ଓଜେଇ ପରୀକ୍ଷା ନେଇ ସରକାରୀ ପଲିଟେକନିକ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ପକ୍ଷରୁ ମୟୂରଭଞ୍ଜ ବନ୍ଦକୁ ସ୍ଥଗିତ ରଖିବାକୁ ନିବେଦନ କରାଯାଇଥିଲା। ଶନିବାର ସରକାରୀ ପଲିଟେକନିକର ଅଧ୍ୟକ୍ଷଙ୍କ ନିବେଦନ କ୍ରମେ ଭଞ୍ଜସେନାର ଏକ ପ୍ରତିନିଧି ଦଳ ଶିକ୍ଷାନୁଷ୍ଠାନକୁ ଯାଇ ଉଭୟଙ୍କ ମଧ୍ୟରେ ବନ୍ଦକୁ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ପରେ ଭଞ୍ଜସେନା ପକ୍ଷରୁ ଏହା ଉପରେ ପୁନଃ ବିଚାର କରି ଛାତ୍ରୀଛାତ୍ରମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବନ୍ଦ ଡାକରାକୁ ସାମୁହିକ ଭାବେ ସ୍ଥଗିତ ରଖାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ସଂଗଠନ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଜଣାଇଛନ୍ତି। ତେବେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ବିଭ୍ରାଟ ଘଟାଇଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଅଟଳ ଅଛି ଭଞ୍ଜସେନା ଏବଂ ଏ ବାବଦରେ ଭବିଷ୍ୟତ କାର୍ଯ୍ୟାନୁଷ୍ଠାନ ବହୁତ ଶୀଘ୍ର ସର୍ବସାଧାରଣରେ ଅବଗତ କରାଯିବ ବୋଲି ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

## ୧୧୮୧ ମାମଲା ସମାଧାନ

### ଭଦ୍ରକରେ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ଭଦ୍ରକ ଅଫିସ/ସ୍ୱ.ପ୍ର., ୧୩।୫:** ଭଦ୍ରକ ଜିଲା କୋର୍ଟ ପରିସରରେ ଶନିବାର ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ମୋଟ ୧୧୮୧ ମାମଲାର ଆପୋଷ ସମାଧାନ ହୋଇଥିବାବେଳେ ୨କୋଟି ୪୯ ଲକ୍ଷ ୪୩ ହଜାର ୨୦୫ ଟଙ୍କା ଆଦାୟ ହୋଇଛି। ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲର ବିଚାରାଧୀନ ଥିବା ୨୨ଟି ମାମଲା, ୧୩୯ଟି ମିଳାମିଶା ଯୋଗ୍ୟ ଫୌଜଦାରି, ୨୪ଟି ଚେକ୍ ବାଉନ୍ସ, ପୁନରୁଦ୍ଧାର, ୩୬ଟି ବୈବାହିକ ବିବାଦ, ୭୮୭ ରାଜସ୍ୱ, ୬ ଉପଭୋକ୍ତା ବିବାଦ, ୬୬ ଅନ୍ୟାନ୍ୟ ଦେୱାନି ମାମଲା, ପ୍ରାକ୍ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୧୬ଟି ବ୍ୟାଙ୍କ ଋଣ ମାମଲା, ଭାରତ ସଞ୍ଚାର ନିଗମ ଲିମିଟେଡ୍‌ର ଟେଲିଫୋନ ବିଲ୍ ସମ୍ବନ୍ଧୀୟ ୫ଟି ମାମଲାର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଛି। ଆଇନସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ପରିଚାଳନା କରିଥିଲେ।



## ୨୩୪୪ ଗୋଟି ମାମଲା ଫଇସଲା

### ରାଷ୍ଟ୍ରୀୟ ଲୋକ ଅଦାଲତ

ବାରିପଦା ଅଫିସ,୧୩।୫

ମୟୂରଭଞ୍ଜ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାଠାରେ ଶନିବାର ଜିଲା ଦୌରା ଜଜ୍‌ଙ୍କ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮୯୦୧ଗୋଟି ମାମଲା ମଧ୍ୟରୁ ୨୩୪୪ ମାମଲାର ଆପୋଷ ବିଚାର ହୋଇ ୪ କୋଟି ୬୬ ଲକ୍ଷ ୬୮ ହଜାର ୮୩୪ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି।

ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅରବିନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକ ଅଦାଲତରେ ପ୍ରି ଲିଟିଗେଶନ ସମ୍ବନ୍ଧୀୟ ୬୩୯୭ ମାମଲା ମଧ୍ୟରୁ ୪୯୨ଟି ବ୍ୟାଙ୍କ ଋଣ ଆଦାୟ ମାମଲା ଓ ୧୪ ଟି ଅନ୍ୟାନ୍ୟ ବିବାଦୀୟ ଦେୱାନୀ ଏବଂ ଜମିଜମା ମାମଲା ଫଇସଲା କରାଯାଇ ମୋଟ ୨ କୋଟି ୪୩ ଲକ୍ଷ ୪୦ ହଜାର ୭୭୩ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଛି। ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀ ଭୁକ୍ତ ୨୫୦୪ ମାମଲା ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡେବଲ କେଶ ୩୬ ରୁ ୪, ଏନ୍‌ଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୨୨ ରୁ ୫୧ ମାମଲା, ବ୍ୟାଙ୍କ ଋଣ ଆଦାୟ ସମ୍ବନ୍ଧୀୟ ୬୮ ରୁ ୨୨, ମୋଟରଯାନ ଦୁର୍ଘଟଣା ମାମଲା ୨୮୫ ରୁ ୯ , ବୈବାହିକ(ଛାଡ଼ପତ୍ର ବ୍ୟତୀତ) ୩୫ ରୁ ୬, ରାଜସ୍ୱ ମାମଲା ୧୫୯୪ ରୁ ୧୪୮୩, ଅନ୍ୟାନ୍ୟ ସିଭିଲ ମାମଲା ୯୫ ରୁ ୨୬, ଖାଉଟି ବିବାଦ ସମ୍ବନ୍ଧୀୟ ୭ (ଅମିମାଂସିତ ) ଓ ଅନ୍ୟାନ୍ୟ ଅପରାଧିକ ଫୌଜଦାରୀ ମାମଲା ୨୫୧ କୁ ମିଶାଇ ମୋଟ ୧୮୫୨ ଟି ମାମଲା ଫଇସଲା କରାଯାଇ ମୋଟ ୨ କୋଟି ୨୩ ଲକ୍ଷ ୨୮ ହଜାର ୬୧ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡ଼ିଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଶିବାନୀଙ୍କ ତତ୍ତ୍ୱାବଧାନରେ ଅଦାଲତରେ ଫ୍ୟାମିଲି କୋର୍ଟ ଜଜ ବିରଞ୍ଚି ନାରାୟଣ ମହାନ୍ତି, ଅତିରିକ୍ତ ଜିଲା ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ, ଦ୍ୱିତୀୟ ଅତିରିକ୍ତ ଜିଲା ଜଜ ଡ଼.ଦୀପକ ରଞ୍ଜନ ସାହୁ, ଅତିରିକ୍ତ ସିନିୟର ସିଭିଲ ଜଜ(ଅତିରିକ୍ତ) ଅପୂର୍ବା ଚୌଧୁରୀ, ସିନିୟର ସିଭିଲ ଜଜ ପଲ୍ଲବୀ ରାଣୀ ସାହୁ, ଏସ୍‌ଡିଜେଏମ ବିଶ୍ୱକଳ୍ପିତା ମହାନ୍ତି, ଜେଏମ୍‌ଏଫସି ଜଜ ଜରିନ ଖାନ, ଜେଏମଏଫସି କୋର୍ଟ ଜଜ ମନ୍ଦିରା ମହାନ୍ତ, ସିଭିଲ ଜଜ(ପ୍ରବେସନ)ଚେତନା ପଟ୍ଟନାୟକ, ଶ୍ରୀପର୍ଣ୍ଣା ମହାପାତ୍ର ଓ ଦୀପାଳି ଦାସଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ଓ ମାଜିଷ୍ଟ୍ରେଟ, ଆଇନଜୀବୀ, ବିଭିନ୍ନ ରାଷ୍ଟ୍ରାୟତ/ଘରୋଇ ବ୍ୟାଙ୍କ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।


ଅଭିଯୋଗ ଶୁଣୁଛନ୍ତି ବିଚାରପତି।

## ସଂକ୍ଷେପରେ

### ଜମି ବିକ୍ରି ଟଙ୍କା ଖାଇଦେଲେ ଶ୍ୱଶୁର

ପଦ୍ମପୁର, ୧୩।୫ (ଡି.ଏନ.ଏ.)-ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଗୁଆମାଳ ଗ୍ରାମର ଅଶୋକ କୁମାର ପାଢ଼ୀ ତାଙ୍କ ଜମି ବିକ୍ରି ଟଙ୍କାକୁ ଶ୍ୱଶୁର ଚକ୍ରାନ୍ତ କରି ନେଇଯାଇଥିବା ସାବରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଏତଲାରେ ଉଲ୍ଲେଖ କରିଛନ୍ତି ଯେ, ୨୦୦୦ ମସିହାରେ ସେ ପଶ୍ଚିମବଙ୍ଗର ହୁଗୁଳି ଜିଲାରେ ଥିବା ତାଙ୍କର ଏକ ଜାଗାକୁ ବିକ୍ରି କରିଥିଲେ। ନିଜର ବ୍ୟାଙ୍କ ଆକାଉଣ୍ଟ ନ ଥିବାରୁ ସେ ୧ ଲକ୍ଷ ୪୫ ହଜାର ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଜରିଆରେ ଶ୍ୱଶୁରଙ୍କୁ ଦେଇଥିଲେ। ପରେ ଶ୍ୱଶୁର ଟଙ୍କା ନ ଦେଇ ସମୟ ଗଡ଼ାଇ ଚାଲିଥିଲେ। ବାରମ୍ୱାର ଟଙ୍କା ମାଗିବାରୁ ସେ ତାଙ୍କୁ ବିଭିନ୍ନ ସମୟରେ ଗୁଣ୍ଡା ଲଗାଇ ଜୀବନରୁ ମାରି ଦେବାକୁ ଧମକ ଦେବା ସହ ଗାଳିଗୁଲଜ କରିଆସୁଥିଲେ। ଦୀର୍ଘଦିନ ଧରି ଟଙ୍କା ନ ପାଇ ସେ ଗତ ୧୧ ତାରିଖରେ ଶ୍ୱଶୁରଙ୍କୁ ଫୋନ କଲ୍ ମାଧମରେ ମାଗିବାରୁ ଇଚ୍ଛାପୁର ଛକଠାରେ ଗୁଣ୍ଡା ଲଗାଇ ତାଙ୍କୁ ମାରିବା ପାଇଁ ଯୋଜନା କରିଥିଲେ। ରିପୋର୍ଟ ଲେଖାହେବା ସୁଦ୍ଧା ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିଲେ ହେଁ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ୪ ବର୍ଷ ପରେ ଜାମୁ ହଟିଂରେ ଜଳିଲା ବିଦ୍ୟୁତ୍ ଆଲୋକ

ଯୋଡ଼ା,୧୩।୫(ଡି.ଏନ୍.ଏ.): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଜୁରୁଡି ପଞ୍ଚାୟତର ୪ନଂ. ୱାର୍ଡ ଜାମୁ ହଟିଂରେ ୪ ବର୍ଷ ପରେ ଜଳିଲା ବିଦ୍ୟୁତ୍ ଆଲୋକ। ସରପଞ୍ଚ ସୁଭକାନ୍ତି ସଏ ସୂଚନା ଦେଇ କହିଛନ୍ତି, ଉକ୍ତ ହଟିଂରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପରିବାର ରହନ୍ତି। ଏସେଲ ଖଣିର ଲିଜ୍‌ଥିବା ବେଳେ ସେଠାରେ ଶ୍ରମିକମାନଙ୍କ ପାଇଁ ଘର ନିର୍ମାଣ କରି ବିଦ୍ୟୁତ୍ ସଂଯୋଗ କରିଥିଲା। ମାତ୍ର ଉକ୍ତ ଖଣିର ଲିଜ ଅବଧି ଶେଷ ହେବା ପରେ ଲୋକମାନଙ୍କ ଘରୁ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ଦୀର୍ଘ ୪ ବର୍ଷ ହେବ ଲୋକେ ଅନ୍ଧାରରେ ରହୁଥିଲେ। ଗତ ବର୍ଷ ଯୋଡ଼ା ବ୍ଲକ୍‌ରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ବିଦ୍ୟୁତ୍ ସଂଯୋଗ ପାଇଁ ଲୋକେ ଦସ୍ତଖତ ସମ୍ବଳିତ ଦାବିପତ୍ର ଦେଇଥିଲେ। ଜିଲାପାଳଙ୍କ ଅନୁମତି ପାଇବା ପରେ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗୀ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଶୁକ୍ରବାର ରାତିରେ ସ୍ଥାନୀୟ ସରପଞ୍ଚ, ୱାର୍ଡ ମେମ୍ବର ମାଧବୀ ଦାସଙ୍କ ଉପସ୍ଥିତିରେ ଗ୍ରାମ ଆଲୋକିକରଣ କରାଯାଇଥିବା ସରପଞ୍ଚ ସୂଚନା ଦେଇଛନ୍ତି।

### ଆଦର୍ଶ ଶିକ୍ଷକ ସମାଜ ପାଇଁ ଉଦାହରଣ

ସିମୁଳିଆ, ୧୩।୫(ଡି.ଏନ.ଏ.)-ସିମୁଳିଆ ବ୍ଲକ ଛତ୍ରପୁର ଅଞ୍ଚଳର ଭଜନାନନ୍ଦ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ୨୩ବର୍ଷ ଧରି ଶିକ୍ଷକତା ପରେ ଅବସର ନେଇଥିବା ବୈଦ୍ୟନାଥ ମହାନ୍ତିଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ ଶିକ୍ଷକ ନୟନ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ ଯୋଗଦେଇ ଶିକ୍ଷକ ବୈଦ୍ୟନାଥ ଶିକ୍ଷକ ସମାଜ ପାଇଁ ଉଦାହରଣ ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ବିଶ୍ୱମ୍ଭର ପଣ୍ଡା ଗୁରୁ ଶିଷ୍ୟ ପରମ୍ପରା ସମ୍ପର୍କରେ ସୂଚନା ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ବୈଦ୍ୟନାଥଙ୍କୁ ଫୁଲହାର, ତୋଡା, ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ମଞ୍ଚ ସଞ୍ଚାଳକ ଶିକ୍ଷକ ଜନ୍ମେଜୟ ଶୁକ୍ଳ ଧନ୍ୟବାଦ ଅର୍ପଣ କରିଥିଲେ।

### ବୈଶାଖୀ ଉତ୍ସବ ଉଦ୍‌ଘାଟିତ

ଭୋଗରାଇ, ୧୩।୫(ଡି.ଏନ.ଏ.) ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଭୋଗରାଇ ହାଟସ୍ଥିତ ପ୍ରସିଦ୍ଧ ମା' ବାଶୂଳୀ ପୀଠ ପଡିଆରେ ବୈଶାଖୀ ଉତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ବିଧାୟକ ଅନନ୍ତ ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବ କମିଟି ସଭାପତି ପ୍ରବୀର କୁମାରଙ୍କ ପୌରୋହିତ୍ୟରେ ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ। ଉତ୍ସବ କମିଟି ସଦସ୍ୟ ବଳରାମ ବିଶି। ଉମାକାନ୍ତ କର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଗବେଷକ ତଥା ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ଡ଼ଃ ସତୀଶ ଚନ୍ଦ୍ର ପଣ୍ଡା ବୈଶାଖୀ ଉତ୍ସବ ସାଂସ୍କୃତିକ ଚେତନାକୁ ରୁଦ୍ଧିମନ୍ତ କରିଥାଏ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଦସ୍ୟା ନିବେଦିତା ମହାନ୍ତି, ଦମୟନ୍ତୀ ସାହୁ, ବିଡ଼ିଓ ଶଙ୍କର ପଟ୍ଟନାୟକ, ବିଜେଡି ସଭାପତି ରମାକାନ୍ତ କରଣ, ସରପଞ୍ଚ ସୁଷମା କର ପ୍ରମୁଖ ଏହି ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ଦାବି କରିଥିଲେ। ଭୋଗରାଇ ଅଧିଷ୍ଠାତ୍ରୀ ଦେବୀ ମା' ବାଶୂଳୀ ନାମକ ପୁସ୍ତକକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। କମିଟି ସଦସ୍ୟ ଜଗବନ୍ଧୁ ଜେନା ଧନ୍ୟବାଦ ଦେଇଥିଲେ।

# ହାରିନାହାନ୍ତି ସୁଶୀଳା

**କେନ୍ଦୁଝର,୧୩।୫(ସ୍ୱ.ପ୍ର.)**

ପରିବାରରେ ସନ୍ତାନମାନଙ୍କ ଭବିଷ୍ୟତ ଗଠନରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ସନ୍ତାନର ଲାଳନପାଳନ ସହ ଘର, ପରିବାର ଚଳାଇବାରେ ମା'ଙ୍କ ଗୁରୁତ୍ୱ ଅଧିକ। ନିଜ ପିଲା ଓ ପରିବାର ପାଇଁ ସବୁ କିଛି ତ୍ୟାଗ କରିବାକୁ ଆଗେଇ ଆସେ ମା'। ଛୋଟରୁ ବଡ ଯାଏ ପିଲାଙ୍କୁ ସମ୍ଭାଳିବା ମା'ଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଥାଏ। ଏଣୁ କୁହାଯାଏ ମା'ଙ୍କ ବଳିଦାନ ସବୁବେଳେ ଅପୂରଣୀୟ। ଏହାର ମୂଲ୍ୟକୁ ସନ୍ତାନମାନେ ଜୀବନବ୍ୟାପୀ ଉଦ୍ୟମ କରି ମଧ୍ୟ ପରିଶୋଧ କରିପାରନ୍ତି ନାହିଁ। କେନ୍ଦୁଝର ସହରରେ ଏଭଳି ଜଣେ ମହିଳା ଅଛନ୍ତି ଯେ କି, ସ୍ୱାମୀଙ୍କୁ ହରାଇବା ପରେ ମଧ୍ୟ ପିଲାମାନଙ୍କ ଲାଳନପାଳନ ସହ ମଣିଷ କରିବାରେ ପଛଘୁଞ୍ଚା ଦେଇନାହାନ୍ତି। ସେ ହେଉଛନ୍ତି ସୁଶୀଳା ମିଶ୍ର।

ସୁଶୀଳାଙ୍କ ସ୍ୱାମୀ ପ୍ରଭାସ କୁମାର ମିଶ୍ର ବନାଞ୍ଚଳ ଅଧିକାରୀ ଭାବେ କାମ କରୁଥିଲେ। ୨୦୦୭ରେ ଦେବଗଡ଼ରୁ ଢେଙ୍କାନାଳ ଆସୁଥିବା ବେଳେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେତେବେଳେ ବଡ଼ ପୁଅ ସୌମ୍ୟ କୁମାର ଯୁକ୍ତ ୨ରେ ଅଧ୍ୟୟନ କରି ଇଞ୍ଜିନିୟରିଂ ପାଠ ପାଇଁ ପ୍ରସ୍ତୁତି ହେଉଥିଲେ। ସାନ ପୁଅ ଦେବପ୍ରିୟ କୁମାର ସ୍ଥାନୀୟ ବିଦ୍ୟାଳୟରେ ୭ମ ଶ୍ରେଣୀରେ ପଢୁଥିଲେ। ବାପାଙ୍କ ଦେହାନ୍ତ ପରେ ଦୁଇ ପିଲା ବେସାହାରା ହୋଇଯାଇଥିଲେ ହେଁ ମା' ହିଁ ଥିଲେ ସବୁକିଛି ବୋଲି ମାତୃ ଦିବସ ଅବସରରେ ଦୁଇ ପୁଅ କହିଛନ୍ତି।

ଓଡ଼ିଆ ସମାଜରେ ହଠାତ୍ ଜଣେ ମହିଳା ବାହାରକୁ ଯାଇ ଚାକିରି କରିବା ସମ୍ଭବପର ନ ଥିଲା। ଏଣୁ ସ୍ୱାମୀଙ୍କ ପେନ୍‌ସନ ବାବଦକୁ ମିଳିଥିବା ମାସିକ ୭ ହଜାର ଟଙ୍କାରେ ଘର ପରିବାର ଏବଂ ପିଲାଙ୍କ ପାଠ ପଢ଼ାକୁ ଜାରି ରଖିବା ପାଇଁ ଉଦ୍ୟମ କରିଥିଲେ। ସେଥିରୁ ବଡପୁଅ ପାଠ ପଢ଼ା (କୋଚିଂ)

**ମାତୃ ଦିବସ ଆଜି**



ପାଇଁ ୫ ହଜାର ଟଙ୍କା ଦେବାକୁ ପଡୁଥିଲା। ଅବଶିଷ୍ଟ ୨ହଜାର ଟଙ୍କାରୁ ଦେଢ଼ ହଜାର ଟଙ୍କା ଘର ଭଡ଼ା, ବାକି ପଇସାରେ ଘର ଚଳୁଥିଲା। ତେବେ ମାମୁଘର ପକ୍ଷରୁ କିଛି ସହାୟତା ମିଳୁଥିଲା। ପରବର୍ତ୍ତୀ ସମୟରେ ବାପାଙ୍କ ବକେୟା ଟଙ୍କା ଆଣି ମା' ସୁଶୀଳା ବଡ଼ ପୁଅଙ୍କ ଇଞ୍ଜିନିୟରିଂ ପାଠରେ ଖର୍ଚ୍ଚ କରିଥିଲେ। ତୁରନ୍ତ ଘରର ସ୍ଥିତି ସୁଧାରିବାକୁ ବଡପୁଅ ଚାକିରି କରିଥିଲେ। ଏବେ ସେ ଆମେରିକାରେ ସଫ୍ଟୱେୟାର ଡେଭ୍‌ଲପର ଭାବରେ କାମ କରୁଛନ୍ତି। ବଡପୁଅର ପାଠପଢା ପରେ ଦେବପ୍ରିୟଙ୍କୁ ଇଞ୍ଜିନିୟରିଂ ପଢିବାରେ ମା' ସହାୟତା କରିଥିଲେ। ଇଞ୍ଜିନିୟରିଂ ପାଠ ସାରି ସେ ଏମ୍‌ବିଏ ପଢ଼ିଥିଲେ। ଏବେ ରିଲାଏନ୍ସ ପେଟ୍ରୋଲିୟମରେ କାମ କରୁଛନ୍ତି ବୋଲି ଦେବପ୍ରିୟ କହିଛନ୍ତି।

ଦେବପ୍ରିୟ କୁହନ୍ତି, ମା' ନିଜର ସୁଖକୁ ଛାଡ଼ି ଆମ ଦୁଇ ପୁଅଙ୍କ ଭବିଷ୍ୟତ ଗଢ଼ିବା ସହ ପ୍ରତିକୂଳ ପରିସ୍ଥିତିରେ ଦେଖାଇଥିବା ସାହସ ସତରେ ପ୍ରଶଂସାଯୋଗ୍ୟ। ଏବେ ମାଆ କିପରି ଖୁସି ଓ ଶାନ୍ତିରେ ରହିବେ ସେ କଥା ଚିନ୍ତା କରୁଛୁ ଏବଂ ତାଙ୍କ ସବୁ ଇଚ୍ଛା ପୂରଣ କରିବାକୁ ଆମେ ଚେଷ୍ଟା କରୁଛୁ ବୋଲି କହିଥିଲେ। ପିଲାମାନେ କିପରି ପାଠ ପଢ଼ିବେ ସେଥି ପାଇଁ ଚିନ୍ତିତ ଥିଲି। ସେମାନଙ୍କୁ ନିଜ ଗୋଡ଼ରେ ଛିଡ଼ା କରାଇବା ପାଇଁ ପ୍ରଚେଷ୍ଟା କରିଛି, ଯାହାର ଫଳ ଏବେ ମୁଁ ପାଇଛି ବୋଲି ସୁଶୀଳା କହିଛନ୍ତି।

## ଦୁର୍ଗାପ୍ରସାଦ ଶରାଫ ବିଦ୍ୟାପୀଠର ଶତପ୍ରତିଶତ ସଫଳତା

**ଭଦ୍ରକ ଅଫିସ,୧୩।୫**

ସିବିଏସ୍‌ଇ ମାଟ୍ରିକ୍ ପରୀକ୍ଷାରେ ଭଦ୍ରକ ରାନ୍ଦିଆସ୍ଥିତ ଦୁର୍ଗାପ୍ରସାଦ ଶରାଫ ବିଦ୍ୟାପୀଠ ଶତପ୍ରତିଶତ ସଫଳତା ହାସଲ କରିଛି। ବିଦ୍ୟାପୀଠର ୧୦୭ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଛାତ୍ର ପ୍ରଜ୍ଞାସ ମହାନ୍ତି ୯୭.୨ ପ୍ରତିଶତ ରଖି ବିଦ୍ୟାପୀଠର ଟପ୍ପର ହୋଇଥିବା ବେଳେ ଶୁଭମ ସ୍ୱାଇଁ ୯୬.୮ ପ୍ରତିଶତ ରଖି ଦ୍ୱିତୀୟ ଏବଂ ଅର୍ପିତ ମହାନ୍ତି ୯୬.୪ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୧୦୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ ଛାତ୍ର ୯୫ %ରୁ ଅଧିକ, ୨୪ଜଣ ୯୦% ଓ ୩୨ଜଣ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ପ୍ରଧାନ ଶିକ୍ଷକ କାର୍ତ୍ତିକ ଦାସ ପ୍ରକାଶ କରିଛନ୍ତି। ବେଦାନ୍ତ ଫେକର ସିଇଓ ସୁଜଳ ଶାହା କହିଛନ୍ତି, ଏହି ଫଳାଫଳ ଗୁଣାତ୍ମକ ଶିକ୍ଷା ପ୍ରତି ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ଭବିଷ୍ୟତରେ ଭଦ୍ରକରେ ଶିକ୍ଷାର ଉନ୍ନତି ପାଇଁ ପ୍ରୟାସ ଜାରି ରଖିବୁ।

**ସିବିଏସ୍‌ଇ ମାଟ୍ରିକ୍ ଫଳାଫଳ**




ପ୍ରଜ୍ଞାସ ମହାନ୍ତି, ଶୁଭମ ସ୍ୱାଇଁ।

## ଅର୍‌ଜିତ ଜିଲା ଟପ୍ପର

**ଭଦ୍ରକ ଅଫିସ,୧୩।୫**

ଚଳିତବର୍ଷ ସିବିଏସ୍‌ଇ ଦଶମ ପରୀକ୍ଷାରେ ଭଦ୍ରକ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ଅର୍‌ଜିତ ରାଉତ ୯୯ ପ୍ରତିଶତ ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି। ଏଥିସହ ରାଜ୍ୟରେ ଶ୍ରେଷ୍ଠ ୧୦ ତାଲିକାରେ ସ୍ଥାନିତ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଅରଜିତ ହେଉଛନ୍ତି ଭଦ୍ରକ ବ୍ଲକ ବନ୍ଧଗାଁର ଶର୍ମିଳା ରାଉତ ଓ କ୍ଷୀରୋଦ ଚନ୍ଦ୍ର ରାଉତଙ୍କ ସାନପୁଅ। ସଫଳତା ପାଇଁ ଅରଜିତ ବିଦ୍ୟାଳୟର ଅଧକ୍ଷ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇବା ସହ ମା' ବାପାଙ୍କ ପ୍ରେରଣା ଓ ଆର୍ଶୀବାଦ ରହିଛି ବୋଲି କହିଛନ୍ତି। ବିନା ଟ୍ୟୁଶନ ଓ କଠିନ ଅଧ୍ୟବସାୟ ବଳରେ ସେ ମୋଟ ୫ଶହ ନମ୍ବରରୁ ୪୯୫ ରଖିଛନ୍ତି। ଯୁକ୍ତ ୨ ବିଜ୍ଞାନ ପଢ଼ିବା ସହ ଆଇଆଇଟି ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।



ଅର୍‌ଜିତ ରାଉତ।

## ଆଞ୍ଚଳିକ ନ୍ୟାୟିକ ବିଦ୍ୟାପୀଠ ଉଦ୍‌ଘାଟିତ




ଆଞ୍ଚଳିକ ନ୍ୟାୟିକ ବିଦ୍ୟାପୀଠର ଉଦ୍‌ଘାଟନ କରାଯାଉଛି।

**ବାଲେଶ୍ୱର ଅଫିସ, ୧୩।୫**

ଓଡ଼ିଶା ବିଚାର ବିଭାଗ ପକ୍ଷରୁ ବାଲେଶ୍ୱର ଷ୍ଟେଶନଛକଠାରେ ଶନିବାର ଆଞ୍ଚଳିକ ନ୍ୟାୟିକ ବିଦ୍ୟାପୀଠ ଉଦ୍‌ଘାଟିତ ହୋଇଯାଇଛି। ଏହି ବିଦ୍ୟାପୀଠକୁ ଆଭାସୀ ମାଧ୍ୟମରେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଉଦ୍‌ଘାଟନ କରିଥିଲେ।

ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୂରଲୀଧର ଆଭାସୀ ମାଧ୍ୟମରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଓଡ଼ିଶାର ୫ଟି ଜିଲା ଅନୁଗୋଳ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଓ ଗଞ୍ଜାମଠାରେ ଏହି ବିଦ୍ୟାପୀଠ ଖୋଲାଯାଇଛି। କଟକରେ ଥିବା ଜୁଡ଼ିସିଆଲ ଏକାଡେମୀରେ ଓଡ଼ିଶାର ସମସ୍ତ ବିଚାର ବିଭାଗୀୟ ଅଧିକାରୀ ପ୍ରଶିକ୍ଷଣ ନେବାକୁ ଆସିଲେ ବିଚାରଦିବସଗୁଡ଼ିକ ନଷ୍ଟ ହେବ। ତେଣୁ ଓଡ଼ିଶାର ୫ଟି ଜୋନ୍‌ରେ ଆଞ୍ଚଳିକ ଜୁଡ଼ିସିଆଲ ଏକାଡ଼େମୀ ଖୋଲାଯାଇଛି। ଏହାଦ୍ୱାରା ଅଧିକାରୀମାନଙ୍କ ଅର୍ଥ ଖର୍ଚ୍ଚ ଓ ସମୟକୁ ରକ୍ଷା କରାଯାଇପାରିବ। ଏଥିରେ ଜୁଡ଼ିସିଆଲ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯିବ। ଆଇନ ଛାତ୍ରୀଛାତ୍ରମାନେ ମଧ୍ୟ ପ୍ରଶିକ୍ଷଣ ପାଇ ଆଗାମୀ ଦିନରେ ଉତ୍ତମ ବିଚାରପତି ହୋଇପାରିବେ। ସମ୍ପ୍ରତି ବିଚାର ବିଭାଗରେ ଅତ୍ୟାଧୁନିକ ପଦ୍ଧତି ମାଧମରେ ବିଚାର ଓ ରାୟ ପ୍ରକାଶ ପାଉଥିବାରୁ ସମସ୍ତ ବିଚାର ବିଭାଗୀୟ ଅଧିକାରୀମାନେ ନିଜକୁ ସେହି ମୁତାବକ ପ୍ରଶିକ୍ଷଣ ନେବାକୁ ପରାମର୍ଶ ଦେଇଥିଲେ। ଆଗାମୀ ୨୦୨୪ ମସିହା ସୁଦ୍ଧା ସମସ୍ତ ନ୍ୟାୟାଳୟକୁ ପେପର ଲେସ କରାଯିବ ବୋଲି ପ୍ରକାଶ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟ, ବାଲେଶ୍ୱର ଜିଲା ଦୌରାଜଜ୍ ଅଶାନ୍ତ କୁମାର ଦାସଙ୍କ ସମେତ ସମସ୍ତ ବିଚାରପତି, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଓକିଲ ସଂଘ ସଭାପତି ମନୋଜ ନାୟକ ଓ ସମ୍ପାଦକ ଦୀପକ କୁମାର ଦାଶ ତଥା ବିଚାର ବିଭାଗୀୟ କର୍ତ୍ତୃପକ୍ଷ ଓ ଆଇନ୍‌ଜୀବୀ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ୨ ଗୁରୁତର

**ପାଟଣା,୧୩।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବାଉଁଶୁଳି ରାସ୍ତା ଜଡ଼ିଚାତର ବାଲି ସାହିରେ ନିର୍ମାଣାଧୀନ ପୋଲ ନିକଟରେ ଏକ ଟିପ୍ପ ବୋଝେଇ ଟିପ୍ପର ସହ ଯାତ୍ରୀବାହୀ ମ୍ୟାକ୍ସିମୋ ମୁହାଁମୁହିଁ ଧକ୍କା ହୋଇଛି। ମ୍ୟାକ୍ସିମୋରେ ଥିବା ୨ ଯାତ୍ରୀ ଗୁରୁତର ହୋଇ ସ୍ଥାନୀୟ କେନ୍ଦେଇ ପଶି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିବାରୁ ଦୀର୍ଘ ୨ ଘଣ୍ଟା ଧରି ଗମନାଗମନ ବ୍ୟାହତ ହୋଇଥିଲା। ଟିପ୍ପର ଚାଳକ ଦୁର୍ଘଟଣା ପରେ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରେ ତୁରୁମୁଙ୍ଗା ଏସ୍‌ଆଇ ହରିଶଙ୍କର ନାଏକ ଓ ଏ ଏସ୍‌ଆଇ ନରେଶ ଓରାମ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣା ଗାଡ଼ିକୁ ପୋଲିସ ଜବତ କରି ତଦନ୍ତ ଚାଲିଥିବା ତୁରୁମୁଙ୍ଗା ଥାନା ଏସ୍‌ଆଇ ଯମୁନା ମାରାଣ୍ଡି କହିଛନ୍ତି।

## 'ସରଳ, ପରୋପକାରୀ ଥିଲେ ଅଖିଳ'



ବନ୍ତ ବ୍ଲକ କଳାପାହାଡ଼ ଛକରେ ଅନୁଷ୍ଠିତ ସ୍ମୃତିସଭା।

**ଭଦ୍ରକ ଅଫିସ,୧୩।୫**

ଅଖିଳ କୁମାର ସେଠୀ ଜଣେ ଟ୍ରକ୍ ଚାଳକ ହୋଇଥିଲେ ମଧ୍ୟ ସରଳ ଓ ପରୋପକାରୀ ଥିଲେ ବୋଲି ତାଙ୍କ ଏକାଦଶାହ ଅବସରରେ ଶନିବାର ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ସ୍ମୃତିଚାରଣ କରିଥିଲେ। ୧୯୯୬ ମାଟ୍ରିକ୍ ବ୍ୟାଚ୍‌ର ସହପାଠୀମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବନ୍ତ ବ୍ଲକ କଳାପାହାଡ଼ ଛକରେ ଆୟୋଜିତ ସଭାରେ ଶିକ୍ଷାବିତ୍ କାଳନ୍ଦୀ ଚରଣ ଖୁଣ୍ଟିଆ ସଭାପତିତ୍ୱ ଓ ଦାଶରଥି ଜେନା ସଂଯୋଜନା କରିଥିଲେ। ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ସରପଞ୍ଚ ମୀନାରାଣୀ ଜେନା, ପୂର୍ବତନ ସରପଞ୍ଚ ଶଙ୍କର୍ଷଣ ରଥ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ପ୍ରଭାସ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଷିକେଶ ମିଶ୍ର, ଶିକ୍ଷକ ଜଗନ୍ନାଥ ମଲ୍ଲିକ, ବିଜୟ କୁମାର ମଲ୍ଲିକ, ସାହିତ୍ୟିକ କୀର୍ତ୍ତନ ବିହାରୀ ନାୟକ, ସ୍ତମ୍ଭକାର ସୁବୋଧ ସାହୁ, ହୀରାସୁନ୍ଦର ବାରିକ ପ୍ରମୁଖ ଯୋଗ ଦେଇଥିଲେ। କ୍ଷୀତିଶ ସାମନ୍ତ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରତାପ ସେଠୀ, ଗଦାଧର ବେହେରା ଓ ଅଜୟ ଜେନା ସ୍ମୃତିଚାରଣ କରିଥିଲେ। ଅକ୍ଷୟ ସେଠୀ, କଳାକାର ରଥ, ଜଗନ୍ନାଥ ଦାସ, ଦୀପକ ପଣ୍ଡା, ପ୍ରଦୀପ୍ତ ଦାସ ଓ ଗୋପୀନାଥ ବେହେରା ସଭା ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଗତ ୩ ତାରିଖରେ କେନ୍ଦୁଝର ଜିଲା ଟାଉନ ଥାନା ରାଙ୍କି ନିକଟସ୍ଥ ୨୦ ନଂ. ଜାତୀୟ ରାଜପଥରେ ଟ୍ରକ୍ ଚାପାରେ ଟ୍ରକ୍ ଡ୍ରାଇଭର ଅଖିଳଙ୍କ ମୃତ୍ୟୁ ଘଟିଥିଲା।

## ମହୁ ଚାଷ ପ୍ରଶିକ୍ଷଣ

**କପ୍ତିପଦା,୧୩।୫ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟରେ କପ୍ତିପଦା ବନାଞ୍ଚଳ ଅଧିକାରୀଙ୍କ ସହଯୋଗରେ ଓଡ଼ିଶା ଖଦି ଓ ଗ୍ରାମ ଉଦ୍ୟୋଗ ବୋର୍ଡ ଦ୍ୱାରା ମହୁଚାଷ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ୩୦ଜଣ ପୁରୁଷ ଓ ମହିଳା ୭ଦିନ ଧରି ତାଲିମ ନେବେ। ତାଲିମ ପରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୨୪ ହଜାର ଟଙ୍କାର ମହୁବାକ୍ସ ଯୋଗାଇ ଦିଆଯିବ। କପ୍ତିପଦା ବନାଞ୍ଚଳ ଅଧିକାରୀ ଅଚ୍ୟୁତାନନ୍ଦ ଦାସ, ବନପାଳ ଅବିନାଶ ଗିରି, ରଣଜିତ୍ ଦଣ୍ଡପାଟ, ଖଦି ଓ ଗ୍ରାମ ଉଦ୍ୟୋଗ ବୋର୍ଡର ମୟୂରଭଞ୍ଜ ଜିଲା ସଂଯୋଜକ କେଶିନୀ ନାଏକ, ବାଲେଶ୍ୱର ଜିଲା ସଂଯୋଜକ ସନ୍ତୋଷ ଦଳାଇ ପ୍ରମୁଖ ପରିଚାଳନା କରିଥିଲେ। ଫରେଷ୍ଟଗାର୍ଡ ସନ୍ତୋଷ ନାଏକ ଓ ସିପ୍ରା ବାରିକ ସହଯୋଗ କରିଥିଲେ।

## ବିବାଦୀୟ ସ୍ଥାନରେ ପାଣି ଟାଙ୍କି ନିର୍ମାଣକୁ ବିରୋଧ

**ଜଳେଶ୍ୱର, ୧୩।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଖୁଦିଆ ମାଝିସାହି ପଞ୍ଚାୟତ ଅଧୀନ ମୁଣ୍ଡୁଡୁଣିଆ ଗ୍ରାମରେ ୧କୋଟି ୧୨ଲକ୍ଷ ଟଙ୍କାରେ ବେଆଇନ ଭାବେ ନିର୍ମାଣ ହେଉଥିବା ପାଣିଟାଙ୍କିକୁ କେତେକ ଗ୍ରାମବାସୀ ବିରୋଧ କରିଛନ୍ତି । ଏ ସମ୍ପର୍କରେ ଗ୍ରାମବାସୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଆଇନ ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି ।

ପାଣିଟାଙ୍କି ନିର୍ମାଣ ହେଉଥିବା ପ୍ଲଟରେ ୨୦୧୯-୨୦ ମସିହାରେ ଏକ ଏଏନ୍‌ଏମ୍ ସେଣ୍ଟର ନିର୍ମାଣ ଲାଗି କାର୍ଯ୍ୟାଦେଶ ହୋଇଥିଲା । ତତ୍କାଳୀନ ଆର୍‌ଆଇଙ୍କ ସ୍ଥାନ ଚିହ୍ନଟ ପରେ ୨୨ଲକ୍ଷ ଟଙ୍କା ମୂଲ୍ୟର ଏଏନ୍‌ଏମ୍ ସେଣ୍ଟର କାର୍ଯ୍ୟ ଆରମ୍ଭ ହୋଇ ପ୍ରଥମ ପର୍ଯ୍ୟାୟରେ ଆର୍‌ଡି ବିଭାଗ ୨ଲକ୍ଷରୁ ଊର୍ଦ୍ଧ୍ୱ ଅର୍ଥ ଠିକାଦାରଙ୍କୁ ପ୍ରଦାନ କରିଥିଲା । ମାତ୍ର ସେହି ସ୍ଥାନ ଗ୍ରାମ୍ୟ ରାସ୍ତା କିସମ ଥିବା ଅଭିଯୋଗ କରି ଜଣେ ଗ୍ରାମବାସୀ କୋର୍ଟଙ୍କ ଆଶ୍ରୟ ନେଇଥିଲେ । ଫଳରେ ଅଦ୍ୟାବଧି ସେଠାରେ ଏଏନ୍‌ଏମ୍ ସେଣ୍ଟର ନିର୍ମାଣ ହୋଇପାରିନାହିଁ। କିନ୍ତୁ ୨୦୨୧-୨୨ରେ ସମାନ କିସମ, ସମାନ ପ୍ଲଟ ଓ ଖାତା ନମ୍ବର ଥାଇ ଉକ୍ତ ସ୍ଥାନରେ ପାଣିଟାଙ୍କି ନିର୍ମାଣକୁ କେତେକ ଗ୍ରାମବାସୀ ବିରୋଧ କରିଛନ୍ତି। ସୂଚନାଯୋଗ୍ୟ, ଏଏନ୍‌ଏମ୍ ସେଣ୍ଟର ନିର୍ମାଣ ହେଉଥିବା ସ୍ଥାନଠାରୁ ମାତ୍ର ୧୦ ମିଟିର ଦୂରରେ ପାଣିଟାଙ୍କି ନିର୍ମାଣ ଚାଲିଛି । ବିବାଦୀୟ ସ୍ଥାନରେ ପାଣିଟାଙ୍କି ନିର୍ମାଣକୁ ବ୍ରଜ ମହାନ୍ତି, ଚନ୍ଦ୍ରକାନ୍ତ ଘୋଷ, ରାଜକୁମାର ମିଶ୍ର, ସତ୍ୟରଂଜନ ଦାସ, ଶିଶିର ପ୍ରଧାନ ପ୍ରଧାନ ପ୍ରମୁଖ ବହୁ ଗ୍ରାମବାସୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଆଇନ ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି ।

## ଅଖା ଭିତରୁ ମୃତଦେହ ଜବତ ଘଟଣା: ସ୍ତ୍ରୀ, ସାନ ଭାଇ ଗିରଫ

**ସିମୁଳିଆ, ୧୩।୫(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ରପେୟା ପଞ୍ଚାୟତ ବଳରାମପୁର ଗ୍ରାମ ନିକଟସ୍ଥ ରାଣୀତାଲ ମାଇନର କେନାଲ ପାର୍ଶ୍ୱରୁ ଅଖା ଭିତରୁ ଉଦ୍ଧାର ହୋଇଥିବା ରମେଶ ଦାସଙ୍କ ହତ୍ୟା ମାମଲାରେ ପୋଲିସ ତାଙ୍କ ସ୍ତ୍ରୀ ସୁଲୋଚନା ଓ ରମେଶଙ୍କ ସାନ ଭାଇ ଜିତେଶଙ୍କୁ ଗିରଫ କରିଛି । ରବିବାର ତାଙ୍କୁ କୋର୍ଟଚାଲଣ କରାଯିବ।

ସୂଚନା ଅନୁଯାୟୀ, ରମେଶ ପାରିବାରିକ କଳହକୁ ନେଇ ସୁଲୋଚନାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ବୁଧବାର ରାତିରେ ରମେଶ ଶୋଇଥିବା ବେଳେ ତାଙ୍କ ସ୍ତ୍ରୀ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକ ସମେତ ଶରୀରର ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିଲେ। ଘଟଣା ସ୍ଥଳରେ ରମେଶଙ୍କ ମୃତ୍ୟୁ ହୋଇଥିଲା । ପରେ ସୁଲୋଚନା ରମେଶଙ୍କ ସାନ ଭାଇ ଜିତେଶଙ୍କୁ ଜଣାଇଥିଲେ। ଗୁରୁବାର ଉଭୟ ଦିଅର ଭାଉଜ ଯୋଜନା ପରେ ରମେଶଙ୍କ ମୃତଦେହକୁ ଅଖାରେ ଭର୍ତ୍ତି କରି ଗୁରୁବାର ରାତିରେ ସ୍କୁଟି ଯୋଗେ କେନାଲବନ୍ଧ ନିକଟରେ ପକାଇ ଦେଇଆସିଥିଲେ । ସନ୍ଦେହରେ ପୋଲିସ ସୁଲୋଚନାଙ୍କୁ ଅଟକ ରଖିବା ପରେ ସେ ସମସ୍ତ ଘଟଣା ମାନିଯାଇଥିଲେ। କେସ୍(ନଂ.୧୭୬/୨୩)

## ଟ୍ରକ୍ ମାଲିକ ସଂଘ ପକ୍ଷରୁ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା

**ଢେଙ୍କିକୋଟ୍,୧୩।୫(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ବ୍ୟବସାୟିକ ବ୍ୟସ୍ତ ବହୁଳ ଢେଙ୍କିକୋଟ ବଜାରରେ ଜିଲା ଟ୍ରକ୍ ମାଲିକ ସଂଘ ତରଫରୁ ଥଣ୍ଡା ପାନୀୟ ଜଳ ଯୋଗାଯାଇଛି। ୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସ୍ଥାପିତ ପାନୀୟ ଜଳ ବ୍ୟବସ୍ଥା ମେସିନକୁ ଶନିବାର ମୁଖ୍ୟ ଅତିଥିଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସମ୍ମାନୀୟ ଅତିଥି ଭାବେ ଜିଲା ଟ୍ରକ୍ ମାଲିକ ସଂଘର ସଭାପତି ରମାକାନ୍ତ ନାୟକ, ସମ୍ପାଦକ ସୂର୍ଯ୍ୟନାରାୟଣ କର, ଯୁଗ୍ମ ସମ୍ପାଦକ ଦେବୁ ପଟ୍ଟନାୟକ, ଉପସଭାପତି ବିଲିପଣ୍ଡା, ଢେଙ୍କିକୋଟ୍ ଜୋନ୍ କାର୍ଯ୍ୟକାରୀ ସଦସ୍ୟ ବାବୁଲା ସାହୁ, ଘଟଗାଁ ଜୋନ୍ କାର୍ଯ୍ୟକାରୀ ସଦସ୍ୟ ଅଜୁ ସାହୁ, ସ୍ଥାନୀୟ ସରପଞ୍ଚ ଖଇର ନାୟକ, ଜିଲା ବିଜେଡି ମହିଳା ସାଧାରଣ ସମ୍ପାଦିକା ସୁମିତ୍ରା ମହାନ୍ତ, ସ୍ଥାନୀୟ ବଣିକ ସଂଘର ସଭାପତି ରାଜେନ୍ଦ୍ର ସାହୁ ଯୋଗଦେଇଥିଲେ।



ଟ୍ରକ୍ ମାଲିକ ସଂଘ ସଦସ୍ୟ ଓ ଅତିଥିମାନେ।

## ସୁନାଗହଣା ଲୁଟିନେଲେ ଦୁର୍ବୃତ୍ତ

**ଔପଦା,୧୩।୫(ସ୍ୱ.ପ୍ର)**

ବାଲେଶ୍ୱର ଜିଲା ଔପଦା ଥାନା ଅଘିରାପଦା ଗ୍ରାମର ଶାନ୍ତିଲତା ନାୟକଙ୍କ ଘରୁ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପଶି ନଗଦ ୫୦ହଜାର ଓ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି।

ଏହି ଗ୍ରାମର ସ୍ୱର୍ଗତ ପ୍ରଭାକର ନାୟକ ସ୍ତ୍ରୀ ଶାନ୍ତିଲତା ନାୟକଙ୍କର ଦୁଇ ପୁଅ ମଧ୍ୟରୁ ବଡ଼ ପୁଅ ଦିଲ୍ଲୀପ ନାୟକ ଓ ସାନ ପୁଅ ସନ୍ଦୀପ ନାୟକ ବମ୍ବେର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରନ୍ତି। ଘରେ କେବଳ ସାନ ପୁଅଙ୍କ ସ୍ତ୍ରୀ ଶାନ୍ତିଲତା ପରିଡ଼ା ଓ ଅଭିଯୋଗକାରୀ ଶାନ୍ତିଲତା ନାୟକ ଥିବା ସୁଯୋଗ ନେଇ ୭ଜଣ ଦୁର୍ବୃତ୍ତ ଶୁକ୍ରବାର ରାତି ପ୍ରାୟ ସାଢେ ଗୋଟାଏରେ ପଶି ପିସ୍ତଲ ଓ ଖଣ୍ଡା ଦେଖାଇ ଆଲମିରା ଚାବି ଖୋଲି ୫ ଭରି ସୁନା, ୪ ଭରି ରୁପା ଓ ନଗଦ ୫୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏହି ଲୁଟ୍‌ରେ ସ୍ଥାନୀୟ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗକାରୀ ସନ୍ଦେହ କରୁଥିବା କହିଛନ୍ତି।

## ଉଠିବ ବିଦ୍ୟୁତ୍‌ଖୁଣ୍ଟ, ହଟିବ ରାସ୍ତା ସମସ୍ୟା

**ଖଇରା,୧୩।୫(ଡି.ଏନ.ଏ.)**

ବାଲେଶ୍ୱର ଓ ଭଦ୍ରକ ଜିଲାକୁ ସଂଯୋଗ କରୁଥିବା ମହତୀପୁର-ଚରମ୍ପା ଭାୟା ବାରାପୁର ରାସ୍ତା ନିର୍ମାଣରେ ବିଦ୍ୟୁତଖୁଣ୍ଟ ଓ ଟ୍ରାନ୍ସଫର୍ମର ବାଧକ ସାଜିଛି । ବିଦ୍ୟୁତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ୭ମାସ ଧରି ଖୁଣ୍ଟ ଉଠାଯାଇପାରୁନାହିଁ। ସ୍ଥାନାନ୍ତର ସମ୍ବନ୍ଧୀୟ ଖର୍ଚ୍ଚ ପୈଠ ସଂକ୍ରାନ୍ତୀୟ ଫାଇଲ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପଡିରହିଥିଲା । ଉକ୍ତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏବେ ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ପରତା ଦେଖାଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟ ତରଫରୁ ଫଣ୍ଡ ରିଲିଜ ପାଇଁ ନିର୍ବାହୀଯନ୍ତ୍ରୀଙ୍କୁ ଚିଠି କରାଯିବା ପରେ ରାସ୍ତା ନିର୍ମାଣ ପାଇଁ ପଥ ପରିଷ୍କାର ହୋଇଯାଇଛି। ଉକ୍ତ ରାସ୍ତା ପାଇଁ ପାଖାପାଖି ୧୧କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ରାସ୍ତାର ଗଗନଧୂଳି ନିକଟରେ ରାସ୍ତା ଉପରେ ଟ୍ରାନ୍ସଫର୍ମର ତଥା ଅନ୍ୟାନ୍ୟ ସ୍ଥାନରେ ୨୫ଟି ବିଦ୍ୟୁତ ରହିବା କାରଣରୁ ରାସ୍ତା ପ୍ରଶସ୍ତୀକରଣରେ ଅନ୍ତରାୟ ହୋଇପଡିଥିଲା । ସ୍ଥାନାନ୍ତର ପାଇଁ ୩୪ ଲକ୍ଷ ଟଙ୍କାର ଏଷ୍ଟିମେଟ ଟାଟା ପାୱାର ତରଫରୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପ୍ରଦାନ କରାଯାଇଥିଲା। ଏହା ମୁଖ୍ୟଯନ୍ତ୍ରୀଙ୍କ ଅନୁମୋଦନ ଅପେକ୍ଷାରେ ମାସ ମାସ ଗଡି ଚାଲିଥିଲା । ଦୈନିକ ଧରିତ୍ରୀରେ ଉକ୍ତ ସମସ୍ୟା ସମ୍ପର୍କରେ ପ୍ରକାଶ ପାଇବା ପରେ ୮ତାରିଖରେ ଉକ୍ତ ଫଣ୍ଡ ରିଲିଜ ପାଇଁ ଚିଠି(ନଂ.୧୩୯୨୧) ପହଞ୍ଚିବା ପରେ ଅନିଶ୍ଚିତତା ଦୂର ହୋଇଛି। ତୁରନ୍ତ ବିଦ୍ୟୁତ ବିଭାଗ ଏହା ଉପରେ ପଦକ୍ଷେପ ନେଇ ବର୍ଷା ଋତୁ ଆରମ୍ଭ ପୂର୍ବରୁ ସ୍ଥାନାନ୍ତର କରିବାକୁ ଅରଖପୁର, ମୁସ୍ତଫାବାଦ, ସିଂହପୁର, ବାରାପୁର ଆଦି ଗ୍ରାମର ବାସିନ୍ଦା ଦାବି କରିଛନ୍ତି।

**ଝୁଲନ୍ତା ମୃତଦେହ ଜବତ**

ନୀଳଗିରି,(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମପୁର ଥାନା ଅଧୀନ ମାଟିଆଳି ଅଞ୍ଚଳରେ ଝୁଲନ୍ତା ଅବସ୍ଥାରେ ଏକ ମୃତଦେହ ପୋଲିସ ଜବତ କରିଛି। ପ୍ରଥମେ ମୃତଦେହକୁ ଗ୍ରାମବାସୀ ଦେଖି ଥାନାକୁ ଖବର ଦେଇଥିଲେ। ରବୀନ୍ଦ୍ର ବିନ୍ଧାଣୀଙ୍କ ପୁଅ କିଶାନଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିଲେ ମଧ ଗୋଡ଼ ତଳେ ଲାଗିଥିଲା। ତେବେ ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ତାହା ଶବ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ବରହମପୁର ଥାନାଧିକାରୀ ହେମନ୍ତ ମାଝି ସୂଚନା ଦେଇଛନ୍ତି। ପୋଲିସ ଟିମ୍ ସହିତ ସାଇଣ୍ଟିଫିକ୍ ଟିମ୍ ପହଞ୍ଚ ତଦନ୍ତ ଆରମ୍ଭ କରିଛି।

# ପକ୍ଷୀଙ୍କ ତୃଷ୍ଣା ମେଣ୍ଟାଇବାକୁ ପ୍ରୟାସ

## ଘର ଆଗରେ ପାଣିପାତ୍ର ରଖିବାକୁ ସଚେତନତା



ପକ୍ଷୀଙ୍କ ପାଇଁ ଛାତ ଉପରେ ଲଗାଯାଇଥିବା ପାଣିପାତ୍ର।

## ଗଛରେ ଝୁଲୁଛି ପାଣିପାତ୍ର



ତିହିଡ଼ି,୧୩।୫(ଡି.ଏନ.ଏ.)-ଖରାଦିନେ ଲୋକେ ନିଜର ଶୋଷ ମେଣ୍ଟାଇ ପାରୁଥିବା ବେଳେ ତୃଷାର୍ତ୍ତ ପକ୍ଷୀଗୁଡ଼ିକ ପାଣି ଟୋପାଏ ନ ପାଇ ଡହଳବିକଳ ହେଉଛନ୍ତି। ପୋଖରୀ, ନାଳ ଆଦି ଶୁଖି ଯାଇଥିବାରୁ ପଶୁପକ୍ଷୀ ପାଣି ପାଇବା କଷ୍ଟକର ହେଉଛି। ଏହାକୁ ହୃଦୟଙ୍ଗମ କରି ତୃଷାର୍ତ୍ତ ପକ୍ଷୀଙ୍କ ପାଇଁ ଅଭିନବ ଉପାୟରେ ପାନୀୟ ଜଳ ବ୍ୟବସ୍ଥା କରିଛନ୍ତି ଭଦ୍ରକ ଜିଲା ତିହିଡ଼ି ବ୍ଲକର ଜୀବନଜ୍ୟୋତି ସଙ୍ଗଠନର ସଦସ୍ୟ। ସେମାନେ ଶନିବାର ବ୍ଲକର ବିଭିନ୍ନ ଅଞ୍ଚଳରେ ପାତ୍ରରେ ପାଣି ଭରି ଏହାକୁ ରାସ୍ତାପାର୍ଶ୍ୱ ଗଛରେ ଝୁଲାଇ ଦେଇଛନ୍ତି। ଫଳରେ ପକ୍ଷୀଗୁଡ଼ିକ ପାଣି ପିଇବାକୁ ସକ୍ଷମ ହୋଇପାରିବେ।

କାଳିମେଘାରୁ ତିହିଡ଼ି ଓ ବଉଳପାଳ, ନନ୍ଦପୁରରୁ ବୁଧପୁର, ସିନ୍ଦୋଳରୁ କମାରିଆ ଆଦି ରାସ୍ତାପାର୍ଶ୍ୱରେ ଏହି ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଅଧିକ ପାଣିପାତ୍ର ବ୍ୟବସ୍ଥା କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ସଙ୍ଗଠନର ସଭାପତି ସନାତନ ସାହୁ, ସମ୍ପାଦକ ଧୀରେନ୍ଦ୍ର ସାହୁ ଓ ପ୍ରତିଷ୍ଠାତା ଜ୍ୟୋତିର୍ମୟ ପାଣ୍ଡବଙ୍କ ନେତୃତ୍ୱରେ ଦେବାଶିଷ ସାହୁ, ପ୍ରଦୀପ କୁମାର ଦାସ, ସଞ୍ଜୟ କୁମାର, ପ୍ରତ୍ୟୁଷ ପ୍ରିୟଦର୍ଶୀ, ଅଶୋକ ଜେନା, ମନୋଜ କୁମାର ପ୍ରମୁଖ ଗଛରେ ପାଣିପାତ୍ର ଝୁଲାଇଛନ୍ତି।

ବାଲେଶ୍ୱର ଅଫିସ, ୧୩।୫

ପ୍ରବଳ ଗରମରେ ଅସ୍ତବ୍ୟସ୍ତ ଜନଜୀବନ। ଘରୁ ବାହାରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। ଦିନ ୧୨ଟା ସୁଦ୍ଧା ବାଲେଶ୍ୱରରେ ତାପମାତ୍ରା ୩୪ ଡିଗ୍ରୀ ଉପରେ ରହୁଥିବା ବେଳେ ଅସହ୍ୟ ଗୁଳୁଗୁଳି ହେଉଛି। ଟିକିଏ ଗଛ ମୂଳର ଛାଇ ଦେଖି ଅଟକି ଯାଉଛନ୍ତି ପଥଚାରୀ। ଏଥିରେ ପ୍ରାଣୀପକ୍ଷୀଙ୍କୁ ମଧ୍ୟ ନିସ୍ତାର ନାହିଁ। ପ୍ରବଳ ଖରାରେ ପାଣି ଟୋପେ ପାଇଁ ମଧ୍ୟ ଛଟପଟ ହେଉଛନ୍ତି। ବାଲେଶ୍ୱର ସହର ଦାମୋଦରପୁର ଅଞ୍ଚଳର କେତେଜଣ ମିଶି ନିରୀହ ପକ୍ଷୀମାନଙ୍କ ପାଇଁ ଛୋଟ ପ୍ରୟାସଟିଏ ଆରମ୍ଭ କରିଛନ୍ତି। ତାତିକୁ ଦୃଷ୍ଟିରେ ରଖି କଲେଜ ଓ ସ୍କୁଲ ପିଲାମାନେ ପକ୍ଷୀଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା କରିଛନ୍ତି। ଯୁବ ସାମାଜିକ କର୍ମୀ ଚିତ୍ତରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ କଲେଜ ଛାତ୍ରୀ ପିଙ୍କି ଦାସ ଓ ଦଶମ ଶ୍ରେଣୀ ଛାତ୍ର ଭାଗିରଥି ନାୟକ, ଗୃହିଣୀ ସୂଚନା ସାମଲ, ଛାତ୍ରୀ ରତ୍ନକ୍ରିଷ୍ଣା ପରିଡ଼ା, ସୁରେନ୍ଦ୍ର କୁମାର ସିଂ, ସାଏନ ଦାସ ଓ ରୋହିତ ଦାସ ପ୍ରମୁଖ ସହଦେବଖୁଣ୍ଟା ଓ ଦାମୋଦରପୁରର ବିଭିନ୍ନ ସ୍ଥାନରେ ମାଟିପାତ୍ର ଝୁଲେଇ ପକ୍ଷୀଙ୍କ ପିଇବା ପାଣି ବ୍ୟବସ୍ଥା କରିଛନ୍ତି। ଯାହା ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି। ଏଥିସହିତ ସମସ୍ତେ ନିଜ ଘର ଆଗରେ ତଥା ଛାତରେ ଏପରି ପାଣିପାତ୍ର ରଖି ମଣିଷପଣିଆ ଦେଖାଇବା ପାଇଁ ଏକ ବାର୍ତ୍ତା ଦେଇଛନ୍ତି।


ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com



@ଶଶିରେଖା



@ସୁବ୍ରତ



@ଲିକନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।


## ସଂକ୍ଷେପରେ

### କାଣ୍ଭି ଗ୍ରୁପ୍ ପକ୍ଷରୁ ସଫେଇ ଗାଡ଼ି ପ୍ରଦାନ



ଝୁମ୍ପୁରା,୧୩।୫(ଡି.ଏନ୍.ଏ): କାଣ୍ଭି ଗ୍ରୁପ ଅଫ୍ କମ୍ପାନୀ ପକ୍ଷରୁ କେନ୍ଦୁଝର ଜିଲା ଝୁମ୍ପୁରା ପଞ୍ଚାୟତ କାର୍ଯ୍ୟାଳୟକୁ ଏକ ଆବର୍ଜନା ସଫେଇ ଗାଡ଼ି ପ୍ରଦାନ କରାଯାଇଛି। କାଣ୍ଭି ଗ୍ରୁପ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଇଂ. ଦେବବ୍ରତ ବେହେରାଙ୍କ ପିତା ଚନ୍ଦ୍ରଶେଖର ବେହେରା ଉପସ୍ଥିତ ରହି ସାଇ ମନ୍ଦିରର ପୂଜାର୍ଚ୍ଚନା ପରେ ସରପଞ୍ଚ ରେବତୀ ବିରୁଆ, ନାଏବ ସରପଞ୍ଚ ଶିବାନୀ ବେହେରାଙ୍କୁ ଗାଡ଼ିର ଚାବି ଓ କାଗଜପତ୍ର ହସ୍ତାନ୍ତର କରିଥିଲେ। ଏହି ଅବସରରେ କାଣ୍ଭି ଗ୍ରୁପର ନିର୍ଦ୍ଦେଶିକା ସସ୍ମିତା ବେହେରା, ତାଙ୍କ ଝିଅ କାଣ୍ଭି, ପୁଅ ବୈଭବ ଉପସ୍ଥିତ ରହିଥିଲେ।

### ମେଡିକାଲ କଲେଜ ପ୍ରତିଷ୍ଠା ଦାବି ତେଜିଲା

୨୪ରେ ବ୍ଲକ, ଜିଲାସ୍ତରରେ ହେବ ଆନ୍ଦୋଳନ

ତିହିଡ଼ି,୧୩।୫ (ଡି.ଏନ.ଏ.)-ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ତେଜିବାରେ ଲାଗିଛି। ଆସନ୍ତା ୨୪ ତାରିଖରେ ଜିଲା ଓ ବ୍ଲକସ୍ତରରେ ଆନ୍ଦୋଳନ କରାଯିବ ଏବଂ ଆବଶ୍ୟକ ପଡ଼ିଲେ ଆସନ୍ତା ବିଧାନସଭା ନିର୍ବାଚନରେ ଭଦ୍ରକବାସୀ ଅସହଯୋଗ କରିବେ ବୋଲି ଶନିବାର ଅପରାହ୍ଣରେ ତିହିଡ଼ିସ୍ଥିତ ଦୀନଦୟାଲ ଭବନ ପରିସରରେ ଭଦ୍ରକ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁଷ୍ଠିତ ସଭାରେ ଚେତାବନୀ ଦିଆଯାଇଛି। ଇଂ. ମହେଶ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ଡ. ରାଧାରାଣୀ ମହାପାତ୍ର, ଅମୃତ ଦର୍ଶନ ସମ୍ପାଦକ ସଂଗ୍ରାମ ଆଚାର୍ଯ୍ୟ, ସୁଧାକର ରାଉତ, ଲଲାଟେନ୍ଦୁ ମହାନ୍ତି, ରାମଚନ୍ଦ୍ର ନାୟକ, ଶାନ୍ତନୁ ରାଉତ, ଡା. ହରେକୃଷ୍ଣ ନାୟକ, ଶିକ୍ଷାବିତ୍ ସୋମନାଥ ପାଢ଼ୀ, ନିତ୍ୟାନନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଧୀରେନ୍ଦ୍ର ସାହୁ, ବ୍ଲକ କଂଗ୍ରେସ କମିଟି ସଭାପତି ସରୋଜ ଦାସ, ପ୍ରଫୁଲ୍ଲ ପାଢ଼ୀ, ବିଭୂତି ଭୂଷଣ ସେନାପତି, ମନୋଜ ପାଣିଗ୍ରାହୀ, ଅମୂଲ୍ୟ ସେନାପତି ପ୍ରମୁଖ ମତାମତ ରଖିଥିଲେ। ତିହିଡ଼ିର ସମସ୍ତ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା

ଖଇରା,୧୩।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ରାମକୃଷ୍ଣ ନାୟକ, ସିଲେଇ ପ୍ରଶିକ୍ଷିକା ଶୈଳବାଳା ପଣ୍ଡା, କ୍ରୀଡା ଶିକ୍ଷକ ନନ୍ଦ କିଶୋର ସାହୁଙ୍କୁ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ନବନିଯୁକ୍ତ ଅଧକ୍ଷ ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସେବା ନିବୃତ୍ତ ସମ୍ବର୍ଦ୍ଧନାରେ ଅଧାପିକା, ଅଧାପକ ଓ କର୍ମଚାରୀମାନେ ଯୋଗ ଦେଇ ବିଦାୟୀ ଅଧକ୍ଷଙ୍କ ଜୀବନାବଳୀ ଉପରେ ଆଲୋକପାତ କରିଥିଲେ।

# ଛେପ ପକାଇବାକୁ ନେଇ ତୁମୁଳକାଣ୍ଡ

## ଆକ୍ରମଣ ନେଇ ମାମଲା, ୨ କୋର୍ଟ ଚାଲାଣ

କପ୍ତିପଦା,୧୩।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ପେଡାଗଡି ଗ୍ରାମରେ ଛେପ ପକାଇବାକୁ ନେଇ ତୁମୁଳକାଣ୍ଡ ଘଟିଯାଇଛି। ଜଣେ ବୃଦ୍ଧାଙ୍କ ସମେତ ତାଙ୍କ ପୁଅ ଏବଂ ନାତିଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି ପଡ଼ୋଶୀ। ଆକ୍ରମଣର ଶିକାର ହୋଇଥିବା ବୃଦ୍ଧା ହେଲେ ଗ୍ରାମର ସତ୍ୟଭାମା ନାୟକ। ସୂଚନା ଅନୁଯାୟୀ, ସତ୍ୟଭାମା ଗୁରୁବାର ଅପରାହ୍ଣରେ ଘର ବାହାରେ ଛିଡ଼ା ହୋଇଥିଲେ। ଏହି ସମୟରେ ତାଙ୍କର ୧୧ ବର୍ଷର ନାତି ଶୁଭଙ୍କର ଘର ସାମ୍ନା ରାସ୍ତାରେ ଯାଉଥିଲେ। ପଡ଼ୋଶୀ ମନୋରଞ୍ଜନ ମହାପାତ୍ର ଶୁଭଙ୍କର ଉପରକୁ ଛେପ ପକାଇଥିଲେ। ଏ ସମ୍ପର୍କରେ ଶୁଭଙ୍କର ଘରେ କହିବା ପରେ ତାଙ୍କ ବଡ଼ବାପା ପ୍ରଦୀପ ନାୟକ ମନୋରଞ୍ଜନଙ୍କୁ ପଚାରିଥିଲେ। ଏଥିରେ ସେ ଉତ୍କ୍ଷିପ୍ତ ହୋଇ ପ୍ରଦୀପଙ୍କୁ ଆକ୍ରମଣ କରିଥିଲେ। ମନୋରଞ୍ଜନଙ୍କ ସମ୍ପର୍କୀୟ ଭାଇ ଦଶରଥ ମହାପାତ୍ର ଓ ତାଙ୍କ ପୁତୁରା ଜିତୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏହା ଦେଖି ସତ୍ୟଭାମା ଏବଂ ନାତି ଅବିନାଶ ଛଡ଼ାଇବାରୁ ସେମାନଙ୍କୁ ମଧ ଇଟା ଏବଂ ଠେଙ୍ଗାରେ ଆକ୍ରମଣ କରାଯାଇଥିଲା। ଆକ୍ରମଣ ପ୍ରତି ଆକ୍ରମଣରେ ୪ଜଣ ଆହତ ହୋଇଥିବା ବେଳେ ୨ଜଣ ଗୁରୁତର ଅଛନ୍ତି। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି କପ୍ତିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ସତ୍ୟଭାମା ଏବଂ ମନୋରଞ୍ଜନଙ୍କୁ ବାରିପଦା ପିଆର୍ଏମ୍ ମେଡିକାଲକୁ ସ୍ଥାନାନ୍ତର କରିଥିବା ବେଳେ ପ୍ରଦୀପ ଓ ତାଙ୍କ ପୁଅ ଅବିନାଶ କପ୍ତିପଦାରେ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଛନ୍ତି। କପ୍ତିପଦା ଥାନା ପୋଲିସ ୨ ଆକ୍ରମଣକାରୀ ଦଶରଥ ଏବଂ ଜିତୁଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୦୮/୨୩) ରୁଜୁ କରାଯାଇ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବା ସହ ତଦନ୍ତ ଜାରି ରହିଛି।

## ଜିନ୍ଦଲ୍ ଷ୍ଟିଲ୍ ପକ୍ଷରୁ କୃତୀ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

**ଯୋଡ଼ା,୧୩।୫(ଡି.ଏନ.ଏ.):** ମସ୍କୋ ଉଷୁ ଷ୍ଟାର୍ସ ୨୦୨୩ ଆନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କୁମାରୀ ମହନ୍ତଙ୍କୁ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜେଏସ୍‌ପି ପିଲେଟ ପ୍ଲାଣ୍ଟ ୟୁନିଟ ମୁଖ୍ୟ ପୁରୁଷୋତ୍ତମ ଯୋଡ଼ା-ବଡ଼ବିଲ ଅଞ୍ଚଳର ଉକ୍ତ ଉଦିୟମାନ କ୍ରୀଡ଼ା ପ୍ରତିଭାଙ୍କୁ ପ୍ଲାଣ୍ଟସ୍ଥିତ ଅଡିଟୋରିୟମରେ ସମ୍ବର୍ଦ୍ଧିତ କରିଛନ୍ତି। ସେ ଏହି ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଅଞ୍ଚଳ ପାଇଁ ସମ୍ମାନ ଆଣିପାରିଛନ୍ତି।

ଉଲ୍ଲେଖଯୋଗ୍ୟ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସାମାଜିକ ଶାଖା ଜେଏସ୍‌ପି ଫାଉଣ୍ଡେସନ କୁମାରୀ ମହନ୍ତଙ୍କୁ ଉଷୁ ଖେଳ ପାଇଁ ତାଲିମ ସହ ସବୁ ପ୍ରକାର ସହଯୋଗ ଓ ପ୍ରୋତ୍ସାହନ ଯୋଗାଇ ଆସିଛି। ୟୁନିଟ୍ ମୁଖ୍ୟ ପ୍ରଶିକ୍ଷକ ପଙ୍କଜ ମହନ୍ତଙ୍କ ଉପସ୍ଥିତିରେ ଜେଏସପି ଫାଉଣ୍ଡେସନ ଦ୍ୱାରା ଯୋଗାଇ ଦିଆଯାଉଥିବା ତାଲିମ ସୁବିଧା, କ୍ରୀଡ଼ା ଭିତ୍ତିଭୂମି ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ଫାଉଣ୍ଡେସନ ମାଧ୍ୟମରେ ଆଗକୁ ଅଧିକ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସରତ କିଶୋର ପଣ୍ଡା, ମାନବସମ୍ବଳ ବିଭାଗ ମୁଖ୍ୟ ଅରଜିତ୍ ବିଶ୍ୱାସ, ମୁଖ୍ୟ ଏଫଆଣ୍ଡଏ ଭର୍ଜିଲ ଲାକ୍ରା, ଜେଏସ୍‌ପି ବଡ଼ବିଲର ସିଏସ୍‌ଆର ମୁଖ୍ୟ ଏବଂ ପେଲେଟ ୟୁନିଟ୍‌ର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଫାଉଣ୍ଡେସନ ଓଡ଼ିଶା ରାଜ୍ୟ ଉଷୁ ଆସୋସିଏସନ ସହଯୋଗରେ ଦୀର୍ଘ ୧୧ ବର୍ଷ ଧରି କେନ୍ଦୁଝର ଜିଲା ଉଷୁ ଦଳକୁ ପୃଷ୍ଠପୋଷକତା କରିଆସୁଛି। ବିଗତ ବର୍ଷଗୁଡ଼ିକରେ ଫାଉଣ୍ଡେସନର ସହାୟତାରେ କୁମାରୀ ମହନ୍ତଙ୍କ ଭଳି ବାବୁଲୁ, ମଞ୍ଜୁ ମୁଣ୍ଡା, ବ୍ରାଜିଲ, ବୃନ୍ଦେୟୀ ମସ୍କୋରେ ଆୟୋଜିତ ହୋଇଥିବା ଆନ୍ତର୍ଜାତୀୟ ଉଷୁ ଟୁର୍ନାମେଣ୍ଟରେ ରୌପ୍ୟ ଏବଂ ସ୍ୱର୍ଣ୍ଣ ପଦକ ଜିତିଥିଲେ।

## ଶିମିଳିପାଳରୁ ଶିକାରୀ ଗିରଫ

ବାରିପଦା ଅଫିସ, ୧୩।୫

ଶିମିଳିପାଳ ଅଭୟାରଣ୍ୟ ଉପର ବାରହାକାମୁ ରେଞ୍ଜ ଅଞ୍ଚଳରୁ ଜଣେ ଶିକାରୀକୁ ବନ କର୍ମଚାରୀମାନେ ଗିରଫ କରିଥିବା ନେଇ ଶନିବାର ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଶିକାରୀ ଜଣକ ହେଲେ ଅସନକୁ ଗ୍ରାମର ଲାଲମୋହନ ଦେହୁରୀ। ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରିବା ସମୟରେ ଶିକାରୀ ପଶୁଥିବାର ଖବର ପାଇ ବନ କର୍ମଚାରୀ ଚଢ଼ାଉ କରିଥିଲେ। ଶିକାରୀଙ୍କୁ ଗିରଫ କରିବା ସହ ତା ନିକଟରୁ ଧନୁ, ତୀର, କୁରାଢ଼ି, ଦୁଇ କିଲୋଗ୍ରାମର ମାଂସ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ତେବେ ଶିକାରୀଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣର ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।

## ଭଡ଼ାଘରୁ ଏଏନ୍‌ଏମ୍‌ଙ୍କ ଝୁଲନ୍ତା ମୃତଦେହ ଜବତ

ତିହିଡ଼ି,୧୩।୫ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ପୁରୁଣାହାଟରେ ଏକ ଭଡ଼ାଘରୁ ଜଣେ ଏଏନ୍‌ଏମ୍‌ଙ୍କ ଝୁଲନ୍ତା ମୃତଦେହ ଶନିବାର ପୋଲିସ ଜବତ କରିଛି। ମୃତକ ହେଲେ ଅଲିନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନ୍‌ଏମ୍ ସୁଜାତା ସୁଜାସ୍ମାତା ଦାସ। ଯୌତୁକ ପାଇଁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମୃତ ସୁଜାତାଙ୍କ ମା' ଅନୁପମା ମହାନ୍ତି ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି।

### ଯୌତୁକ ପାଇଁ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ପୋଲିସ ଏନେଇ ଏକ ହତ୍ୟା ମାମଲା (ନଂ.୨୧୧/୨୩) ରୁଜୁ କରି ମୃତ ସୁଜାତାଙ୍କ ସ୍ୱାମୀ ଜ୍ଞାନରଞ୍ଜନ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ପ୍ରକାଶ ଯେ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବହୁଦରଡ଼ା ଗ୍ରାମର ନିରଞ୍ଜନ ମହାନ୍ତିଙ୍କ ଝିଅ ସୁଜାତା ୨୦୧୫ରେ ତିହିଡ଼ି ଥାନା ଅଧୀନ ମହରମପୁର ଗ୍ରାମର ଜ୍ଞାନରଞ୍ଜନଙ୍କୁ ବିବାହ କରିଥିଲେ। ଜ୍ଞାନରଞ୍ଜନ ଜଣେ ଶିକ୍ଷକ ଏବଂ ସୁଜାତା ଏଏନ୍‌ଏମ୍ ଭାବେ କାର୍ଯ୍ୟରତ ଥିଲେ। ସେମାନେ କିଛିବର୍ଷ ହେଲା ଘରଠାରୁ କିଛିଦୂର ତିହିଡ଼ି ପୁରୁଣାହାଟରେ ଏକ ଘର ଭଡ଼ା ନେଇ ରହୁଥିଲେ। ଶୁକ୍ରବାର ଅପରାହ୍ଣରେ ସୁଜାତା ରଶି ଲଗାଇ ଆତ୍ମହତ୍ୟା କରିଥିବା ଖବର ପାଇବା ପରେ ତାଙ୍କ ମା' ଓ ବାପା ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ଯୌତୁକ ପାଇଁ ତାଙ୍କ ଝିଅକୁ ମାରି ଦିଆଯାଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି।

## ଗାଁ କଲ୍ୟାଣ ସମିତି ପକ୍ଷରୁ ସ୍ୱାସ୍ଥ୍ୟମେଳା



ମଞ୍ଚରେ ଉପସ୍ଥିତ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଓ ଅନ୍ୟମାନେ।

ଢେଙ୍କିକୋଟ୍,୧୩।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଆଦିବାସୀ ଅଧୁଷିତ ଭୋଳବେଡ଼ା ପଞ୍ଚାୟତ ଆମ୍ବୁଆପଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ଗାଁ କଲ୍ୟାଣ ସମିତି ଅନୁଦାନରେ ଶନିବାର ଏକ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ମେଳାକୁ ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କିଶୋର ପୃଷ୍ଟି, ସମ୍ମାନୀୟ ଅତିଥିଭାବେ ଘଟଗାଁ ବ୍ଲକ୍ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ, ସମିତିସଭ୍ୟା ନଳିନୀ ମହାନ୍ତ, ସରପଞ୍ଚ ସନ୍ଧ୍ୟାରାଣୀ ନାୟକ, ସରାସପଶି ସରପଞ୍ଚ ଗଣେଶ୍ୱର ନାଏକ, ଘଟଗାଁ ଜିଲା ପରିଷଦ ୯ ନଂ. ଜୋନ୍ ସଭ୍ୟ ସୁରେନ୍ଦ୍ରନାଥ ଜେନା ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଆଶିଷ ମହାନ୍ତି (ମହିଳା ବିଶେଷଜ୍ଞ), ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ବଳ, ପଣ୍ଡାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ଶିଶୁ ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ବିପଦ ସଙ୍କୁଳ ଗର୍ଭବତୀ ଓ ପୁଷ୍ଟିହୀନ ଶିକାର ଶିଶୁମାନଙ୍କର ପରୀକ୍ଷା କରି ମାଗଣାରେ ଔଷଧ ପ୍ରଦାନ କରାଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ମୁକ୍ତିକାନ୍ତ ନାୟକ ପ୍ରକାଶ କରିଛନ୍ତି।

# ହରପାର୍ବତୀଙ୍କ ବିବାହ ପାଇଁ ଲଗ୍ନଧରା ଶେଷ

ବାହାନଗା, ୧୩।୫(ଡି.ଏନ.ଏ.)



ଚିତ୍ରେଶ୍ୱର ମନ୍ଦିର ପରିସରରେ ହରପାର୍ବତୀଙ୍କ ବିବାହ ପାଇଁ ଲଗ୍ନ ସ୍ଥିର କରାଯାଉଛି।

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ପଞ୍ଚାୟତର ଚିତ୍ତାପଦା ଗ୍ରାମରେ ଥିବା ବାବା ଚିତ୍ରେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ହରପାର୍ବତୀଙ୍କ ବିବାହ ନିମନ୍ତେ ଶୁକ୍ରବାର ଲଗ୍ନଧରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ହରପାର୍ବତୀ ଉନ୍ନୟନ କମିଟି ସଭାପତି ଦିଲୀପ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବାବା ଚିତ୍ରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଓଲିଆପାଟଣା ଗ୍ରାମର କନ୍ୟାପିତା ସୋମନାଥ ବେହେରା ଓ ଚିତାପଦା ଗ୍ରାମର ବରପିତା ଅଭିରାମ ବାରିକ ଉଭୟ ଶପଥ କରି ହରପାର୍ବତୀଙ୍କ ଲଗ୍ନଧରା କାର୍ଯ୍ୟରେ ଉପସ୍ଥିତ ଥିଲେ। ଏଥିରେ କନ୍ୟାଘର ପକ୍ଷରୁ ଯୌତୁକ ବାବଦକୁ ୪ ହଳ ନାଗନାଗୁଣୀ, ଅର୍ଥରାଶି ୫ ହଜାର ଟଙ୍କା ଓ ୪ ଏକର ଶ୍ମଶାନ ଜମି ଦେବାପାଇଁ କନ୍ୟାପତା ଶପଥ କରିଥିଲେ। ଲଗ୍ନଧରା କାର୍ଯ୍ୟକୁ ସଫଳ କରିବା ପାଇଁ ଚିତାପଦା ଗ୍ରାମର ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଲୋକମାନେ ଉପସ୍ଥିତ ଥିଲେ। ବାବା ଚିତ୍ରେଶ୍ୱରଙ୍କଠାରୁ ଆଜ୍ଞାମାଳ ଆସିବା ପରେ ନିର୍ବନ୍ଧ ଆରମ୍ଭ ହୋଇଥିଲା। ଚଳିତ ମାସ ୨୪ ତାରିଖରେ ହରପାର୍ବତୀଙ୍କ ବିବାହ ଅନୁଷ୍ଠିତ ହେବ ବୋଲି ଲଗ୍ନଧରା କାର୍ଯ୍ୟରେ ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମକୁ ଗ୍ରାମର ପ୍ରହ୍ଲାଦ ବାରିକ, ରତ୍ନାକର ଦାସ, ରାଜେନ୍ଦ୍ର ସ, ଧୀରେନ୍ଦ୍ର ସ, ମାୟାଧର ଦାସ, ଜଗନ୍ନାଥ ବାରିକ, ଶରତ ପାଣିଗ୍ରାହୀ, ଭରତ ବେହେରା ଓ ରମାକାନ୍ତ ବାରିକ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ। ବରଯାତ୍ରୀ ଭାବେ କନ୍ୟାପିତା ଘରକୁ ୫ହଜାର ପଚୁଆର ନେଇଯିବାର ସ୍ଥିର ହୋଇଛି। କାର୍ଯ୍ୟକ୍ରମରେ ଜୁନାଗଡ଼ରୁ ଦୁଲଦୁଲି, ଖୋର୍ଦ୍ଧାର ଷଣ୍ଢ ନାଚ, ବ୍ରାସ ବ୍ରାଣ୍ଡ, ଗଞ୍ଜାମର କିନ୍ନର ପ୍ରମୁଖ ବରଯାତ୍ରୀ ଶୋଭାଯାତ୍ରାରେ ଯିବାର ସ୍ଥିର ହୋଇଛି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

## ଫଟୋ ଭାଇରାଲ, ଅଭିଯୁକ୍ତ ଅଟକ

ବଡ଼ବିଲ,୧୩।୫ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏଥିସହ ଫଟୋ ଭାଇରାଲ କରିଥିବା ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଅଭିଯୁକ୍ତ ହେଲେ ବଡ଼ବିଲ ଥାନା ଠାକୁରାଣୀ ରୋଡ୍ ମଙ୍ଗଳା ମନ୍ଦିର ନିକଟରେ ରହୁଥିବା ରାହୁଲ ବାରିକ।

ସୂଚନା ଅନୁଯାୟୀ, ଗତ ବୁଧବାର ଷ୍ଟେଶନ ରୋଡ ଅଞ୍ଚଳରେ ରହୁଥିବା ଜଣେ ନାବାଳିକା ନିଖୋଜ ହୋଇଯାଇଥିଲେ। ପରିବାରବର୍ଗ ଖୋଜାଖୋଜି କରି ପାଇ ନ ଥିଲେ। କିଛି ଘଣ୍ଟା ପରେ ପରିବାରବର୍ଗଙ୍କ ମୋବାଇଲରେ ନାବାଳିକାଙ୍କ ସହିତ ଜଣେ ଯୁବକଙ୍କ ଅସଂଯତ ଅବସ୍ଥାରେ ଥିବା ଫଟୋ ଆସିଥିଲା। ସେଥିରେ ନାବାଳିକାଙ୍କୁ ସମ୍ପର୍କ ରଖିବାକୁ ଲେଖାହେବା ସହ ସମ୍ପର୍କ ନ ରଖିଲେ ଫଟୋ ଭାଇରାଲ କରିବାକୁ ଧମକ ଦିଆଯାଇଥିଲା। ଫଟୋ ଇନ୍‌ଷ୍ଟାଗ୍ରାମରେ ମଧ ପୋଷ୍ଟ ହୋଇଥିବା ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଦିଆଯାଇଥିବା ଏତଲାରେ ଉଲ୍ଲେଖ ରହିଛି। ଇନ୍‌ଷ୍ଟାଗ୍ରାମ ଅଭିଯୁକ୍ତଙ୍କ ପରିଚୟ ପାଇ ଯୋଗାଯୋଗ କରି ରାତି ପ୍ରାୟ ସାଢେ ୧୧ଟାରେ ପୋଲିସ ନାବାଳିକାଙ୍କୁ ବଡ଼ବିଲ ଉପକାରାଗାର ନିକଟସ୍ଥ ପାଣିଟାଙ୍କି ନିକଟରୁ ଉଦ୍ଧାର କରିଥିଲା। ଏ ନେଇ ପରିବାର ପକ୍ଷରୁ ଶନିବାର ଥାନାରେ ବଳାତ୍କାର ନେଇ ଅଭିଯୋଗ ହୋଇଥିଲା। ବଡ଼ବିଲ ଥାନାରେ ଏକ ମାମଲା (ନଂ. ୧୩୬/୨୦୨୩) ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଥାନା ଆଇଆଇସି ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି।

